# ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସିତ ହେଲେ ୪୦୦ରୁ ଊର୍ଦ୍ଧ୍ୱ ରୋଗୀ

ବାରଙ୍ଗ,୯।୩(ଲିଙ୍ଗରାଜ ରାଉତ)

ମଧୁପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ସଭାଗୃହରେ ରବିବାର ଏକ ସ୍ୱାସ୍ଥ୍ୟ ଶିବିର ସହ ମାଗଣା ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚର୍ମ, ଚକ୍ଷୁ, ପ୍ରସୂତି, ଅସ୍ଥିଶଲ୍ୟ, ଔଷଧ, ଶିଶୁରୋଗ ଆଦି ବିଭିନ୍ନ ବିଭାଗର ବରିଷ୍ଠ ଓ ଅଭିଜ୍ଞ ଡାକ୍ତରମାନେ ଯୋଗଦେଇ ଆସିଥିବା ରୋଗୀଙ୍କୁ ମାଗଣା ପରୀକ୍ଷା ଓ ଚିକିତ୍ସା କରିଥିଲେ। ଅନ୍ନପୂର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଶିବିରରେ ଆଖପାଖ ଗ୍ରାମର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ରୋଗୀ ଯୋଗଦେଇ ଏହି ସୁବିଧାର ଲାଭ ଉଠାଇଥିଲେ। ମଧୁପୁର ପଞ୍ଚାୟତ ସମିତି ସଭ୍ୟ କିଷାନ କୁମାର ଜେନା ଏହାକୁ ପରିଚାଳନା କରିଥିଲେ।

**ପୋଲିସ ପରିବାରକୁ ପ୍ରେରଣା**

# ‘ୱମ୍ୟାନ ବିହାଇଣ୍ଡ ଦ ଖାକି’


କାର୍ଯ୍ୟକ୍ରମରେ ୩ ମହିଳା ପୋଲିସ ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର,୮।୩(ସୁଚିସ୍ମିତା ସାହୁ)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦେଶ ଓ ସମାଜର ସୁରକ୍ଷା ପାଇଁ ତତ୍ପର ରହୁଥିବା ପୋଲିସ ପରିବାରର ସଦସ୍ୟଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ୱମ୍ୟାନ ବିହାଇଣ୍ଡ ଦ ଖାକି’ ରବିବାର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମିଷ୍ଟି ଅଫ୍ ମଦର୍ସ (ମମ) ଟ୍ରଷ୍ଟ ଓ କମିଶନରେଟ ପୋଲିସ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ମହିଳା କମିଶନର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବିଜୟିନୀ ସିଂ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ମହିଳା ପୋଲିସ ଥାନାର ସବ୍‌ଇନ୍ସପେକ୍ଟର ଶୁଭଦର୍ଶିନୀ ନାୟକ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ସୁଚେତା ପ୍ରିୟବାଦିନୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୋଲିସ ପରିବାରର ସଫଳ ତଥା ତ୍ୟାଗପୁତ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

**ସ୍ୱର୍ଗତ କିଶୋର ଚନ୍ଦ୍ର ଖୁଣ୍ଟିଆଙ୍କୁ ‘ମରଣୋପରାନ୍ତ ସମ୍ମାନ’**

ଦିବଙ୍ଗତ ହୋମ୍‌ଗାର୍ଡ କିଶୋର ଚନ୍ଦ୍ର ଖୁଣ୍ଟିଆଙ୍କ ଅବଦାନ ପାଇଁ ମରଣୋପରାନ୍ତ ସମ୍ମାନ ସ୍ୱରୂପ ତାଙ୍କ ପରିବାରକୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମହର୍ଷି କଲେଜ ରେଡକ୍ରସ ଓ ଏନ୍‌ସିସି ସଦସ୍ୟ, ମମ ଟ୍ରଷ୍ଟ ସଦସ୍ୟ ଓ ସ୍ୱେଚ୍ଛାସେବୀଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ମୁଖ୍ୟ ସୁଜାତା ନାୟକ ସ୍ୱାଗତ ଭାଷଣ ଓ ଆବାହକ ଏନ.ପି. କାନୁନଗୋ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସ୍ମୃତିସୁଧା ସାହୁ ଓ ସତ୍ୟ ନାରାୟଣ ବିଶ୍ୱାଳ ସଭା ପରିଚାଳନା ଏବଂ ଟ୍ରଷ୍ଟର ସମ୍ପାଦିକା ମଧୁସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଛ ଲଗାଇବା ସହିତ ବଞ୍ଚାଇବା ଦରକାର



ଭୁବନେଶ୍ୱର,୮।୩(ସୁଚିସ୍ମିତା ସାହୁ)

ଗୋଠପାଟଣା ନିକଟ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରୋଜେକ୍ଟ ପଏଣ୍ଟ ଓ ସାତ୍ତ୍ୱିକ ସୋଲ୍ ଫାଉଣ୍ଡେଶନ ପକ୍ଷରୁ ଏକ ଗ୍ରୀଷ୍ମ ପ୍ରବାହ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଶାସନ ସଚିବ ନୀହାର ରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ପାଇଁ ଗଛ ଲଗାଇବା ଏବଂ ତାକୁ ବଞ୍ଚାଇ ରଖିବା ନିହାତି ଆବଶ୍ୟକ ବୋଲି ମତ ଦେଇଥିଲେ। ଜାତୀୟ ସେବା ଯୋଜନା ବିଜିୟୁର ଅଧକ୍ଷ ଡ଼ ଶୁଭେନ୍ଦୁ ପ୍ରତିହାରୀ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ପାଇଁ ଯୁବକମାନେ ଆଗକୁ ବଢ଼ିବା ପାଇଁ ଜାତୀୟ ସେବା ଯୋଜନା ରହିଛି ବୋଲି କହିଥିଲେ। ଅନୁଷ୍ଠାନର ପ୍ରୋଜେକ୍ଟ ପଏଣ୍ଟର ଅଧକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ମୁଖ୍ୟ ଡ. କମଳ ଲୋଚନ ମିଶ୍ର ଖରା ତାତି ଉପରେ ଆଲୋଚନା କରିଥିଲେ। ନେହେରୁ ଯୁବ କେନ୍ଦ୍ର ଖୋର୍ଦ୍ଧା ଜିଲା ମୁଖ୍ୟ ବିପିନ କୁମାର ‘ମୋ ଭାରତ ସରକାର’ ଉପରେ ଆଲୋଚନା କରିଥିଲେ। ସାମାଜିକ ପରିବର୍ତ୍ତନ ସହିତ ଜଳବାୟୁ ପରିବର୍ତ୍ତନ ହିଁ ସମାଜରେ ନୂଆ ରୂପ ଦେଇପାରିବ ବୋଲି ଜଳବାୟୁ ମଣିଷ ସତ୍ୟବ୍ରତ ସାମଲ କହିଥିଲେ। ନେହେରୁ ଯୁବ କେନ୍ଦ୍ର ସଂଗଠନର ପୂର୍ବତନ ନିର୍ଦ୍ଦେଶକ ସତ୍ୟପ୍ରକାଶ ପଟ୍ଟନାୟକ ଓ ନାଇଜରର କୁଳପତି ଡ. ଅଭୟ କୁମାର ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଖୁସି, ସ୍ୱାଧୀନ, ବିକ୍ରମ, ଦେବୀ, ଅଭି, ଜୟଶ୍ରୀ, ପ୍ରଜ୍ଞା ଓ ତ୍ରିଲୋଚନ ପରିଚାଳନା କରିଥିଲେ।

# ନାରୀ ଜୀବନର ନିଚ୍ଛକ କାହାଣୀ ‘ସରଳାର ଚିଠି’

ଭୁବନେଶ୍ୱର,୯।୩ (ସୌମ୍ୟରଞ୍ଜନ ରାଉତ)

ସ୍ତ୍ରୀ ଲୋକଟିଏ କେବେ ବି କାହା ସହ ସାଲିସ କରିବା ଉଚିତ ନୁହେଁ। ନିଜ ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ତ କେବେ ନୁହେଁ । ସ୍ତ୍ରୀ ଲୋକଟିଏ ପ୍ରେମର ଗୀତ ଗାଇଲେ ପୃଥିବୀର ବଗିଚାରେ ଲାଲ ଗୋଲାପ ଫୁଟେ, ବେଦନାଭରା କଥା କହିଲେ କଳା ରଂଗର ଗୋଲାପ ଫୁଟେ, ସୁଖର ଗପ କହିଲେ ଧଳା ଗୋଲାପ ଫୁଟେ। ସ୍ତ୍ରୀଲୋକଟିଏ ନିଜ ଜୀବନର ଅନେକଗୁଡ଼ିଏ ଛୋଟ ବଡ଼ ଖୁସି ଓ ଦୁଃଖ ସବୁକୁ ନିଜ ଭିତରେ ଲୁଚାଇ ରଖିଥାଏ। ସେ ସବୁ ଛୋଟ ଛୋଟ ଖୁସି ଓ ଦୁଃଖକୁ ସେ ନିଜ ଭିତରୁ କାଢି ପାରେନା କି ତାକୁ ନିଜ ଭିତରେ କବର ଦେଇ ପାରେନା। ସେ ଝୁମୁରି ହେଉ, ସରଳ ହେଉ ଅବା ସୁଜାତା। ନିଜ ଛାତି ଭିତରେ ସ୍ତ୍ରୀଲୋକଟିଏ କେଉଁଠି ନ କେଉଁଠି ରୁମାଲ ଟିଏ ମୁଦି ଟିଏ ଛୁପାଇ ରଖି ଥାଏ। ଆଉ ଝୁରି ହେଉ ଥାଏ। ନାରୀ ଜୀବନର ଏପରି କିଛି କଥାକୁ ନେଇ ଆସୀମ ବସୁ ଫାଉଣ୍ଡେଶନ୍ ପକ୍ଷରୁ ନାଟକ ‘ସରଳାର ଚିଠି’ ଭଞ୍ଜକଳା ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ଏଥିରେ ଡ. ପ୍ରସନ୍ନ ମିଶ୍ର, ଗୌତମ, ସୌମ୍ୟ, ଅମ୍ଳାନ, ରଜତ, ପ୍ରଭେସ, ସଂଗ୍ରାମ, ଚନ୍ଦନ, ପୂଜା, ଅଲିଭା, ଧରିତ୍ରୀ, ପ୍ରତିମା ଓ ଭାସ୍ୱତୀ ଅତି ନିଖୁଣ ଭାବରେ ଅଭିନୟ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଦେବଦତ୍ତ ପତି। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପାରାଦୀପ ଫସ୍‌ଫେଟ ଲିଃର କର୍ପୋରେଟ ମୁଖ୍ୟ ସୁଧୀର ମିଶ୍ର ଓ ଅସୀମ ବସୁ ଫାଉଣ୍ଡେଶନର ସମ୍ପାଦକ ପବିତ୍ର ମୋହନ କର ଯୋଗଦେଇଥିଲେ। ଦେବଦତ୍ତ ପତି ମଞ୍ଚ ପରିଚାଳନା କରିଥିଲେ।


ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ରବିବାର ନାଟ୍ୟଧାରାରେ ପରିବେଷିତ ନାଟକ ‘କାରାଗାରର କାହାଣୀ’ର ଏକ ଦୃଶ୍ୟ।

# ୪ ଶ୍ରମ କୋଡ୍ ବିରୋଧରେ ଆନ୍ଦୋଳନ ପାଇଁ ସିଆଇଟିୟୁର ଆହ୍ୱାନ

ଭୁବନେଶ୍ୱର,୯।୩(ବନ୍ଦନା ସେଠୀ)

ସିଆଇଟିୟୁ ଭୁବନେଶ୍ୱର ଶାଖା କମିଟି ପକ୍ଷରୁ ରବିବାର କେନ୍ଦ୍ର ସରକାରଙ୍କ ଅନୁସୃତ ୪ଟି ଶ୍ରମ କୋଡ୍ ବିରୋଧରେ ଗଣ କନ୍‌ଭେନଶନ ଅନୁଷ୍ଠିତ ହୋଇଯାଇଛି। ଖାରବେଳନଗର ସିଟୁ ଅଫିସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶ୍ରମିକ ସମାବେଶରେ ଖୋର୍ଦ୍ଧା ଜିଲା କମିଟି ସଂଯୋଜକ ତଥା ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ନାୟକ ସଭାପତିତ୍ୱ କରି ଆଗାମୀ ଦିନରେ ୪ଶ୍ରମ କୋଡ଼ ବିରୋଧରେ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଶ୍ରମିକମାନେ ନିଜ ଆଇନ୍‌ଗତ ଅଧିକାର ହାସଲ ପାଇଁ ଉଦ୍ଦିଷ୍ଟ ସମସ୍ତ ପୁରୁଣା ଶ୍ରମ ଆଇନ୍‌ର ସୁରକ୍ଷା ଲାଗି ଜୋର୍‌ଦାର୍ ଲଢେଇ କରିବାକୁ କହିଥିଲେ। ମୁଖ୍ୟ ଆଲୋଚକ ଭାବେ ସିଟୁର ରାଜ୍ୟ ସମ୍ପାଦକ ଉଲ୍ଲାସ ସ୍ୱାଇଁ ଯୋଗଦେଇ ୪ଟି ନୂତନ ଶ୍ରମ କୋଡ୍ କିଭଳି ଶ୍ରମିକର ୟୁନିୟନ ଗଠନ ଅଧିକାର, ମଜୁରି, ଚାକିରିର ସ୍ଥାୟିତ୍ୱ, ସାମାଜିକ ସୁରକ୍ଷା, ନିରାପତ୍ତାକୁ ଧ୍ୱଂସ କରିବା ସହ ପୁଞ୍ଜିପତି ମାଲିକକୁ ଆହୁରି ଲାଭ ଅର୍ଜନ କରିବାକୁ ଉଦ୍ଦିଷ୍ଟ ତାହା ବୁଝାଇଥିଲେ। ତେଣୁ ୪ ଶ୍ରମ କୋଡ୍‌କୁ ବାତିଲ କରି ପୁରୁଣା ଶ୍ରମ ଆଇନ ଜାରି ରଖିବାକୁ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରାଯାଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଦେଶତମାମ ସିଟୁ ପରିଚାଳିତ ଓୟୁଏଟି, ବାଣୀବିହାର, ଟ୍ରାନ୍ସପୋର୍ଟ, ମହାନଗର ନିଗମ ସଫେଇ କର୍ମଚାରୀ, ଏୟାରପୋର୍ଟ, ଆଶା, ମଧ୍ୟାହ୍ନ ଭୋଜନ, ପାଚିକା ଏବଂ ରେଲ୍‌ୱେ ଠିକା ଶ୍ରମିକ ୟୁନିୟନ ନେତୃତ୍ୱମାନେ ହରତାଳ କରିବେ ବୋଲି ଚେତାବନୀ ଦିଆଯାଇଥିଲା। ସମାବେଶରେ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଏକାଦଶୀ ବେହେରା, ସତ୍ୟନାରାୟଣ ନାୟକ, ପବିତ୍ର କୁମାର ଜେନା ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ସମୃଦ୍ଧ ସାହିତ୍ୟ, ଇତିହାସକୁ ନେଇ ସୁଦୃଢ଼ ଭବିଷ୍ୟତ ସମ୍ଭବ

**ବିଜେବିରେ ବାର୍ଷିକ ସ୍ମାରକୀ ବକ୍ତୃତା ମାଳା**



ଭୁବନେଶ୍ୱର,୯।୩(ସୁଚିସ୍ମିତା ସାହୁ)

ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଜେବିରେ ବାର୍ଷିକ ସ୍ମାରକୀ ବକ୍ତୃତା ମାଳା ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୟୁନେସ୍କୋ ଆନ୍ତର୍ଜାତିକ ମାତୃଭାଷା ପୁରସ୍କାର ବିଜେତା ଡ. ମହେନ୍ଦ୍ର କୁମାର ମିଶ୍ର ‘ଦି ହିଷ୍ଟ୍ରି ଆଣ୍ଡ ଲେକଚର ଅଫ ଓଡିଶା’ ବିଷୟବସ୍ତୁରେ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଡ.ମିଶ୍ର ଯୋଗଦେଇ କହିଥିଲେ ଯେ, ନିରନ୍ତର ଅଧ୍ୟୟନ ଓ ଗବେଷଣା ମାଧ୍ୟମରେ ଯେ କୌଣସି ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିବା ସହ ପ୍ରକୃତ ସତ୍ୟର ଉନ୍ମୋଚନ ସମ୍ଭବ ହୋଇପାରିବ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ଗବେଷଣା ଓ ପ୍ରସାର ଉପରେ ଗୁରୁତ୍ୱ ପ୍ରଦାନ କରି ଥିଲେ। କୌଣସି ପଡ଼ୋଶୀ ଭାଷା, ସଂସ୍କୃତି ଓ ସାହିତ୍ୟକୁ ନ୍ୟୁନ ନକରି ନିଜର ସମୃଦ୍ଧ ସାହିତ୍ୟ ଓ ଇତିହାସକୁ ନେଇ ଏକ ସୁଦୃଢ଼ ଭବିଷ୍ୟତ ଗଠନ ସମ୍ଭବ ବୋଲି ସେ କହିଛନ୍ତି।

ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ଝୁମକି ରଥ ଡ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା ଡ ବିଭାବରି ବଳ ଅତିଥି ପରିଚୟ ଓ ଡ ଚିନ୍ମୟ ପଟେଲ ସ୍ମାରକୀ ବକ୍ତୃତା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟ, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

# ହସ୍ତତନ୍ତ ୱେବସାଇଟ୍ ‘ଆର୍ଟସ ଅଫ୍ ଉଇଭିଙ୍ଗ’ ଲୋକାର୍ପିତ

ଭୁବନେଶ୍ୱର,୯।୩ (ସୌମ୍ୟରଞ୍ଜନ ରାଉତ)

ହସ୍ତତନ୍ତର ଉତ୍କର୍ଷକୁ ବିଶ୍ୱ ବଜାରରେ ପହଞ୍ଚାଇବା, ହସ୍ତତନ୍ତ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଏବଂ ବୁଣାକାରଙ୍କୁ ସଶକ୍ତ କରିବା ଆଭିମୁଖ୍ୟ ନେଇ ସ୍ୱତନ୍ତ୍ର ୱେବ୍‌ସାଇଟି ‘ଆର୍ଟସ୍ ଅଫ୍ ଉଇଭିଙ୍ଗ’ ଭୁବନେଶ୍ୱର କ୍ଲବଠାରେ ଲୋକାର୍ପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳା ଅଧିକାରୀ, ଶିକ୍ଷାବିତ୍, ଇଞ୍ଜିନିୟର, ଚିକିତ୍ସକ, କଳାକାର, ନୃତ୍ୟଶିଳ୍ପୀ ଏବଂ ଗୃହିଣୀମାନେ ଯୋଗଦେଇ ହସ୍ତତନ୍ତର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଯୋଗଦେଇ କହିଲେ, ଆମ ଓଡ଼ିଆଣୀମାନେ ଓଡ଼ିଶା ହସ୍ତତନ୍ତ ପରିଧାନରେ ସବୁଠାରୁ ଅଧିକ ଆକର୍ଷଣୀୟ ଲାଗିଥାନ୍ତି। ଶହ ଶହ ବର୍ଷଧରି ଆମ ବୁଣାକାରମାନେ ହସ୍ତତନ୍ତ ମାଧ୍ୟମରେ ଓଡ଼ିଆ କଳା-ସଂସ୍କୃତିକୁ ଉଜ୍ଜୀବିତ କରି ରଖିଛନ୍ତି। ପ୍ରବାସୀ ଓଡ଼ିଆ ମଧ୍ୟରେ ଓଡ଼ିଶା ହସ୍ତତନ୍ତର ଚାହିଦା ଓ ଆଦର ଜାରି ରଖିବା ଦିଗରେ ଏହି ୱେବ୍‌ସାଇଟ ସହାୟକ ହେବ ବୋଲି ସେ କହିଥିଲେ। ‘ଆର୍ଟସ ଅଫ୍ ଉଇଭିଙ୍ଗ’ର ପ୍ରତିଷ୍ଠାତା ଦୀଶା ଦାସ ଏହି ୱେବ୍‌ସାଇଟ୍‌ର ପରିକଳ୍ପନା ସମ୍ପର୍କରେ କହିଲେ, ଉଚ୍ଚଶିକ୍ଷା ପାଇଁ ବହୁରାଷ୍ଟ୍ରୀୟ କମ୍ପାନୀର ଆଇଟି ଚାକିରି ଛାଡ଼ି ଆମେରିକାର ଜର୍ଜିଆଟେକ୍ ବିଶ୍ୱବିଦ୍ୟାଳୟରେ ଏମ୍‌ଏସ୍ କରୁଥିବା ସମୟରେ ହିଁ ସେଠାରେ ହେଉଥିବା ବିଭିନ୍ନ ସାମାଜିକ ଉତ୍ସବରେ ଓଡ଼ିଶା ହସ୍ତତନ୍ତ ପ୍ରତି ଲୋକଙ୍କ ମନରେ ଆଗ୍ରହ ଥିବା ଲକ୍ଷ୍ୟ କରିଥିଲି। ୬ ମାସର କଠିନ ପରିଶ୍ରମ ପରେ ଏହି ୱେବ୍‌ସାଟ୍‌ର ଲୋକାର୍ପଣ କରାଯାଇଛି ଓ ଆଗାମୀ ଦିନରେ ଏହାର ସଂପ୍ରସାରଣ କରିବା ପାଇଁ ଉଦ୍ୟମ କରିବେ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ୱେବ୍‌ସାଇଟ ଜରିଆରେ ଅନ୍‌ଲାଇନ ଅର୍ଡର ଦେଇ ହସ୍ତତନ୍ତ ଶାଢି ନେଇଥିବା ପ୍ରଥମ ୨୦ଜଣ ମହିଳାଙ୍କୁ ‘ଆର୍ଟସ ଅଫ୍ ଉଇଭିଙ୍ଗ ଡିଭା’ ଭାବରେ ସମ୍ବର୍ଦ୍ଧିତ କରାଯିବା ସହ ହସ୍ତତନ୍ତ ବସ୍ତ୍ର ଉପହାର ଦିଆଯାଇଥିଲା। ଶେଷରେ ହସ୍ତତନ୍ତ ପରିଧାନ କରି ମହିଳାମାନେ ର୍‍ୟାମ୍ପ୍ ୱାକ ଏବଂ ନୃତ୍ୟ-ସଂଗୀତ ପରିବେଷଣ କରିଥିଲେ। ‘ଆର୍ଟସ ଅଫ ଉଇଭିଙ୍ଗ’ର ଉପଦେଷ୍ଟା ସୁଜାତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରସାମ୍ୟ ହରାଇ ତଳକୁ ଖସିଲା ଅଟୋ, ୫ ଗୁରୁତର

ବାରଙ୍ଗ,୯।୩(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ବଙ୍ଗାଳୀ ସାହି ନିକଟ ବାରଙ୍ଗ-କଟକ ମୁଖ୍ୟରାସ୍ତା କଡ଼ରେ ଏକ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇ ରବିବାର ପୂର୍ବାହ୍ନ ୧୦ଟା ପାଖାପାଖି ୨୦ ଫୁଟ ତଳକୁ ଖସିପଡ଼ିଛି। ଫଳରେ ଅଟୋ ଡ୍ରାଇଭରଙ୍କ ସହ ଅଟୋରେ ଥିବା ୪ ଜଣ ମହିଳାଙ୍କୁ ମିଶାଇ ସମୁଦାୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ମହିଳା ଶ୍ରମିକ ଶ୍ରେଣୀର ଲୋକ ହୋଇଥିବାବେଳେ ସେମାନେ କାମ କରିବାକୁ ଅଟୋରେ ସାଲିଆସାହିରୁ ବାହାରି ବାରଙ୍ଗ ଅଭିମୁଖେ ଆସୁଥିଲେ। ତେବେ ଦ୍ରୁତ ଗତିରେ ଆସୁଥିବା ଅଟୋଚାଳକ ଜଣଙ୍କ ଗାଡ଼ି ଓଭରଟେକ୍ କରିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଓଭରଟେକ୍ ସମୟରେ ଅଟୋଟି ଏକ ଟାଟା ଏସିଇ ଗାଡ଼ି ସହ ଧକ୍କା ହୋଇ ରାସ୍ତା ତଳକୁ ଖସି ପଡ଼ିଥିଲା। ଖବର ପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିଛି।

# ସମାଜ ପ୍ରତି ନାରୀର ଅବଦାନ ଅତୁଳନୀୟ

**ରାଜଧାନୀ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ**

ଭୁବନେଶ୍ୱର,୮।୩(ସୁଚିସ୍ମିତା ସାହୁ)

ରାଜଧାନୀ ମହାବିଦ୍ୟାଳୟର ସମାଜବିଜ୍ଞାନ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ‘ଲିଙ୍ଗଗତ ସମାନତା ପାଇଁ ତ୍ୱରିତ ପଦକ୍ଷେପ’ ଶୀର୍ଷକ ଆଲୋଚନାଚକ୍ର ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଆୟୋଗ ସଦସ୍ୟ ପ୍ରଫେସର ଡ. ସରିତା ସୂପକାର ମୁଖ୍ୟଅତିଥି ଭାବେ ଯୋଗଦେଇ ସଶକ୍ତ ମହିଳା ଓ କର୍ମଜୀବୀ ମହିଳାଙ୍କର ସଂଘର୍ଷମୟ ଜୀବନ ସମ୍ବନ୍ଧରେ ଆଲୋକପାତ କରି ସମାଜ ପ୍ରତି ନାରୀର ଅବଦାନ ଅତୁଳନୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜେନ ଫାଉଣ୍ଡେଶନର ପ୍ରତିଷ୍ଠାତା ଗାର୍ଗୀ ଭଟ୍ଟାଚାର୍ଯ୍ୟ ଯୋଗଦେଇ କହିଲେ, ସମାଜର ସାମୂହିକ ବିକାଶରେ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦିବ୍ୟାଙ୍ଗ ମହିଳାଙ୍କ ଆତ୍ମବିଶ୍ୱାସ, ସାହାସ ଓ ସର୍ବୋପରି ଦୃଢ଼ ଇଚ୍ଛାଶକ୍ତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀ ସ୍ୱାଗତ ଭାଷଣ ଓ ସମାଜବିଜ୍ଞାନ ବିଭାଗର ମୁଖ୍ୟ ସଂଘମିତ୍ରା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସ୍ମୃତି ସମ୍ପ୍ରିତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସ୍ନିଗ୍ଧାରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଶ୍ୱିନୀ ହସ୍ପିଟାଲରେ ମିଶୋ ଟିକେଆର ଅସ୍ତ୍ରୋପଚାର

ଭୁବନେଶ୍ୱର,୯।୩ (ଅଭୟ ଦାଶ)



ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା କଟକ ଅଶ୍ୱିନୀ ହସ୍ପିଟାଲରେ ପ୍ରଥମ ମିଶୋ ଟୋଟାଲ ନି ରିପ୍ଲେସମେଣ୍ଟ (ଟିକେଆର୍) ବା ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ସଫଳତାର ସହ ଶେଷ ହୋଇଛି। ଏପରିକି ଏକ ଐତିହାସିକ ଚିକିତ୍ସା ପୂର୍ବ ଭାରତ ଏବଂ ଅଶ୍ୱିନୀ ହସ୍ପିଟାଲର ପ୍ରଥମ ବୋଲି କୁହାଯାଉଛି। ଅପରପକ୍ଷରେ ହସ୍ପିଟାଲର ଅସ୍ଥିଶଲ୍ୟ ଏବଂ ଗଣ୍ଠି ପ୍ରତିରୋପଣ ଅସ୍ତ୍ରୋପଚାରର ବରିଷ୍ଠ ପରାମର୍ଶଦାତା ଡା. ସତ୍ୟନାରାୟଣ ବେହେରା ପୂର୍ବ ଭାରତର ପ୍ରଥମ ମିଶୋ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ସଫଳତାର ସହିତ କରିଛନ୍ତି। ଏହି ଅଗ୍ରଣୀ ପ୍ରକ୍ରିୟା ଅସ୍ଥିଶଲ୍ୟ କାରଣରୁ ଗୁରୁତର ଆଣ୍ଠୁ ଯନ୍ତ୍ରଣାରେ ପୀଡିତ ୬୫ ବର୍ଷୀୟ ରୋଗୀ ହେମାପ୍ରୋଭା ମାଲ୍ଲାଙ୍କଠାରେ କରାଯାଇଥିଲା। ସେହିଭଳି ଡା ବେହେରା କହିଛନ୍ତି, ରୋଗୀଙ୍କ ଲାଭ ପାଇଁ, ଆମେ ମିଶୋ ରୋବୋଟିକ୍ ସିଷ୍ଟମ ବ୍ୟବହାର କରି ଆଣ୍ଠୁ ପ୍ରତିରୋପଣ ପାଇଁ ସବୁଠାରୁ ଉନ୍ନତ କୌଶଳ ବ୍ୟବହାର କରିଛୁ। ଏହି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ପ୍ରାପ୍ତ କଟାଗୁଡ଼ିକର ଅସାଧାରଣ ସଠିକତା ଏବଂ ଠିକ୍ ସନ୍ତୁଳିତ ଉନ୍ନତ ଅସ୍ତ୍ରୋପଚାର ପରବର୍ତ୍ତୀ ଆରୋଗ୍ୟ ଲାଭ ଏବଂ ଦୀର୍ଘକାଳୀନ ସଫଳତା ସୁନିଶ୍ଚିତ କରିଥାଏ। ସେହିପରି ଉନ୍ନତ ରୋବୋଟିକ୍-ସହାୟତା ଅସ୍ତ୍ରୋପଚାର ଯେଉଁଥିରେ ଏକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ରୋବୋଟ୍ ଯାହା କି ଅସାଧାରଣ ସଠିକତା ସୁନିଶ୍ଚିତ କରୁଥିବା ଅତ୍ୟାଧୁନିକ ମିଶୋ ସିଷ୍ଟମ ବ୍ୟବହାର କରାଯାଇଥିଲା। ମାଲ୍ଲା ତାଙ୍କ ଡାହାଣ ଆଣ୍ଠୁରେ ଏକ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ କରିଥିଲେ ଏବଂ ବର୍ତ୍ତମାନ ଆରୋଗ୍ୟ ଲାଭ କରୁଛନ୍ତି।

# ୧୨ ନାରୀ ପ୍ରତିଭାଙ୍କୁ ‘ଅଭିରୁଚି ନାରୀ ପ୍ରତିଭା ସମ୍ମାନ’

ଭୁବନେଶ୍ୱର,୯।୩ (ସୌମ୍ୟରଞ୍ଜନ ରାଉତ)

ସତ୍ୟନଗର ଲେଡିଜ୍ ଫୋରମ୍ ପକ୍ଷରୁ ବୁଦ୍ଧମନ୍ଦିର ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ‘ଅଭିରୁଚି ନାରୀ ପ୍ରତିଭା ସମ୍ମାନ’ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ଓ ସମାଜସେବୀ ଅରୁନ୍ଧତୀ ଦେବୀ, ସମ୍ମାନିତ ଅତିଥି ଭାବେ ଅଭିନେତ୍ରୀ ଅନୁ ଚୌଧୁରୀ, ଓଡ଼ିଶା ଲୋକସେବା ଆୟୋଗର ସଦସ୍ୟା ସରିତା ସୁପକାର, ଓଡ଼ିଶା ସରକାରଙ୍କ ଅର୍ଥ ସେବା ଅଧିକାରୀ ସରିତା ବାରିକ ଓ ଫୋରମ୍‌ର ମୁଖ୍ୟ ପରାମର୍ଶଦାତା ନିଶିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଦୃଢ ସଂକଳ୍ପ, କଠିନ ଅଧ୍ୟବସାୟ କ୍ଷେତ୍ରରେ ସଫଳତାର ଶିଖର ଛୁଇଁଥିବା ୧୨ଜଣ ନାରୀ ପ୍ରତିଭାଙ୍କୁ ‘ଅଭିରୁଚି ନାରୀ ପ୍ରତିଭା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଶିକ୍ଷା କ୍ଷେତ୍ରରେ ବିଥିକା ଛୋଟରାୟ, ପୋଲିସ ସେବା କ୍ଷେତ୍ରରେ ଭାଗ୍ୟଶ୍ରୀ ସ୍ୱାଇଁ, ସ୍ୱାସ୍ଥ୍ୟ ସେବାରେ ଡ. ହରପ୍ରୀତ୍ କୌର୍, ରାଜନୀତିରେ ସ୍ମୃତି ପଟ୍ଟନାୟକ, କ୍ରୀଡ଼ା କ୍ଷେତ୍ରରେ ମନ୍ନତା ମିଶ୍ର, ନୃତ୍ୟରେ ଶ୍ରଦ୍ଧାସୁମନ ରଥ, ସମାଜସେବାରେ ବିଦ୍ୟୁଲ୍ଲା ଉପାଧ୍ୟାୟ, ଚଳଚ୍ଚିତ୍ରରେ ସୂର୍ଯ୍ୟମୟୀ ମହାପାତ୍ର, ସଙ୍ଗୀତରେ ବନ୍ଦିତା ରାୟ, ଉଦ୍ୟୋଗୀ ଭାବେ ଶ୍ରଦ୍ଧା ଦାସ, ସଂଯୋଜନା କ୍ଷେତ୍ରରେ ଋତୁପର୍ଣ୍ଣା ମହାପାତ୍ର ଓ ସାମ୍ବାଦିକତାରେ ବନିତା ସାହୁ। ଉତ୍ସବରେ ପାରମ୍ପରିକ ସମ୍ବଲପୁରୀ ଶାଢି ପରିଧାନ କରି ମହିଳାଙ୍କ ର୍‍ୟାମ୍ପ ଶୋ’ ଅତିଥି ଓ ଦର୍ଶକଙ୍କୁ ବିମୋହିତ କରିଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଚାଣକ୍ୟ ସ୍କୁଲ୍ ଛାତ୍ରୀଙ୍କ ଦ୍ୱାରା ‘ବେଟୀ ବଚାଓ ଓ ବେଟୀ ପଢାଓ’ ଲଘୁନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହିତ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠିତ ପାରମ୍ପରିକ ପିଠା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଫୋରମ୍ ସମ୍ପାଦିକା ଅନୁରାଧା ଦାଶ ପରିଚାଳନା କରିଥିବାବେଳେ ଫୋରମ୍ ସଭାନେତ୍ରୀ ଦୀପ୍ତିପ୍ରଭା ରଥ ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଗହଣରେ ‘ଅଭିରୁଚି ନାରୀ ପ୍ରତିଭା ସମ୍ମାନ’ ପାଇଥିବା ବ୍ୟକ୍ତିତ୍ୱ ମାନେ।

**ଦଧିବାମନ ଦେବଙ୍କ ପୀଠରେ ଫଗୁ ଦଶମୀ**

କୃଷ୍ଣପ୍ରସାଦ,୯।୩(କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଦଧିବାମନ ଦେବଙ୍କ ପୀଠରେ ଫଗୁ ଦଶମୀ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗଦେଇ ଠାକୁରଙ୍କ ଉପରେ ଫଗୁ ପକାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ମାଲୁଦ କରଣ ସାହିରେ ଥିବା ଦଧିବାମନ ଦେବଙ୍କ ପୀଠରେ ମାଲୁଦ ପାଇକ ସାହିରେ ଥିବା ଚୈତନ୍ୟ ଦେବଙ୍କ ପୀଠରୁ ସଂକୀର୍ତ୍ତନ ଦଳ ଆସି ଭଜନ ପରିବେଷଣ କରିଥିଲେ। ଠାକୁରଙ୍କ ବିଗ୍ରହରେ ଫଗୁ ଲଗାଇବା ପରେ ଫଗୁକୁ ଶ୍ରଦ୍ଧାଳୁମାନେ ଦେହରେ ବୋଳି ହୋଇଥିଲେ।

# ସ୍ୱାଭାବିକ ହୋଇପାରିନି ଭେଣ୍ଡିଂଜୋନରେ ବ୍ୟବସାୟ

ଖୋର୍ଦ୍ଧା,୯।୩(ପ୍ରଭାତ ପାଣିଗ୍ରାହୀ)


ଭେଣ୍ଡିଂଜୋନ୍‌ରେ ଖୋଲିଥିବା ଦୋକାନ।

ଖୋର୍ଦ୍ଧା ପୌର ପ୍ରଶାସନ(କେଏମ୍‌ସି)ର ସହର ସୌନ୍ଦର୍ଯ୍ୟକରଣ ଆଳରେ ଉଠାଦୋକାନୀଙ୍କୁ ଉଚ୍ଛେଦ ଏବଂ ଥଇଥାନ ପ୍ରହସନରେ ପରିଣତ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଉଚ୍ଛେଦ ହୋଇଥିବା ୧୬୬ କ୍ୟାବିନ ବ୍ୟବସାୟୀ ଏବଂ ଉଠାଦୋକାନୀ(ପୂର୍ବରୁ ହାବେଳି ପଡିଆ ପାଇଁ ଟୋକନମନି ଦେଇଥିବା ବ୍ୟବସାୟୀଙ୍କୁ ମିଶାଇ) ଟିଏଲ୍‌ସି ରୋଡ ଏବଂ ଭାଲିଆବାଡ଼ିଠାରେ ନବନିର୍ମିତ ଭେଣ୍ଡିଂଜୋନରେ ଅବସ୍ଥାପିତ କରାଯାଇଛି। ଏଥିରେ ମାରୱାଡି ପଟିରେ ଥିବା ପୂଜା ଦୋକାନୀ, ଟ୍ରାଫିକ ଛକରୁ ସମବାୟ ଛକ, ଡାକ ବିଭାଗ ପାର୍ଶ୍ୱ, ସମବାୟ ଛକ ପଞ୍ଚସଖା ଏବଂ ମା’ଲକ୍ଷ୍ମୀ ପରିବା ସଂଘ ପରିବା ବ୍ୟବସାୟୀଙ୍କୁ ଭେଣ୍ଡିଂଜୋନରେ ଅବସ୍ଥାପିତ କରାଯାଇଥିବା ବେଳେ ଟାଉନ ହଲ୍ ଛକଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାକଡ଼ ପରିବା, ଫଳ ଦୋକାନୀଙ୍କୁ ଟିଏଲ୍‌ସି ରୋଡ ଆଦର୍ଶ ଶ୍ମଶାନ ସମ୍ମୁଖ ମଶାଣି ପଡିଆରେ ପିଣ୍ଡି ଦିଆଯାଇ ଅବସ୍ଥାପିତ କରାଯାଇଛି। ପଞ୍ଚ ପାଇକ ପରିବା ମଣ୍ଡି, ବକ୍ସି ପରିବା ବଜାର ନାଁରେ ପୌର ପ୍ରଶାସନ ପକ୍ଷରୁ ବିଧିବଦ୍ଧଭାବେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ଆୟୋଜିତ ସଭାରେ ଭୁବନେଶ୍ୱର ଏମ୍‌ପି ଏବଂ ସ୍ଥାନୀୟ ବିଧାୟକ ଉପସ୍ଥିତି ରହି ଉଭୟଙ୍କ ପାଣ୍ଠିରୁ ମିଳିତଭାବେ ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଶହେ ପରିବା ପିଣ୍ଡି ଏବଂ ଭେଣ୍ଡିଂଜୋନରେ ଆନୁସଙ୍ଗିକ ବ୍ୟବସ୍ଥା ଉପଲବ୍ଧ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାହା ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରିନି। ତେବେ ଭେଣ୍ଡିଂଜୋନକୁ ଲାଗି ରହିଥିବା ଖଣି ପୋଖରୀକୁ ଇତି ମଧ୍ୟରେ ପୋତାସରିଛି। ଅନ୍ୟ ଖଣି ପୋଖରୀକୁ ପୋତିବା ପାଇଁ ମସୁଧା ଚାଲିଥିବା ଜଣାପଡିଛି। ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା ଭେଣ୍ଡିଂଜୋନ୍ ବ୍ୟବସାୟ ସ୍ୱାଭାବିକ ହୋଇପାରିନାହିଁ। ପଞ୍ଚସଖା ଏବଂ ମା’ଲକ୍ଷ୍ମୀ ପରିବା ସଂଘ ବ୍ୟବସାୟୀମାନେ ହାତବାନ୍ଧି ବସିଛନ୍ତି। ମଶାଣି ପଡ଼ିଆରେ ୮୦ରୁ ଊର୍ଦ୍ଧ୍ୱ ଉଠାଦୋକାନୀକୁ ନେଇ ପରିବା ମଣ୍ଡି ଚାଲିଛି। ସକାଳଠାରୁ ରାତି ୧୦ଟା ପର୍ଯ୍ୟନ୍ତ ପରିବା କିଣିବା ପାଇଁ ମଣ୍ଡିରେ ଗ୍ରାହକଙ୍କ ଭିଡ ରହୁଥିବା ବେଳେ ଭେଣ୍ଡିଂଜୋନରେ ଖୋଲିଥିବା ପରିବା ବ୍ୟବସାୟୀଙ୍କ ନିକଟକୁ ଗ୍ରାହକ ଆସୁନଥିବାରୁ ପରିବା ପଚିଷଢ଼ି ନଷ୍ଟ ହେଉଥିବା ବେପାରୀମାନେ କହିଛନ୍ତି। ପୂର୍ବରୁ ଜଣେ ବ୍ୟବସାୟୀଙ୍କ ନିକଟରେ ୪ରୁ ୫ଜଣ ସହଯୋଗୀ କାମ କରୁଥିଲେ। ଗୋଟିଏ ପରିବା ଦୋକାନରୁ ଏକାଧିକ ପରିବାରଙ୍କ ପରିବାର ପୋଷଣ କରୁଥିବା ବ୍ୟବସାୟୀ ଏବେ ନିଜେ ପରିବାର ପ୍ରତିପୋଷଣ ପାଇଁ ଚିନ୍ତାରେ ପଡିଛନ୍ତି।

## ବ୍ୟବସାୟ ହେଉନି, ଚିନ୍ତାରେ ବେପାରୀ

ପୂର୍ବରୁ ସମବାୟ ଛକରେ ଦୈନିକ ୪ରୁ ୫ହଜାର ଟଙ୍କା ରୋଜଗାର କରୁଥିବା ବ୍ୟବସାୟୀ ଏବେ ଭେଣ୍ଡିଂଜୋନରେ ଦିନକୁ ଶହେ ଟଙ୍କା ବେପାର ହେଉ ନ ଥିବା କହିଛନ୍ତି। ବେପାର ଏକପ୍ରକାର ଠପ୍ ହୋଇଯାଇଛି। ଅନ୍ୟପଟେ ଭେଣ୍ଡିଂଜୋନ ଶକ୍ତ ଆଇରନରେ ନିର୍ମାଣ କରାଯାଇଛି। ଜିଆଇ ଏବଂ ବଦ୍ୟୁତ୍ ବିଭାଗର ଫିଜିବିଲିଟି ରିପୋର୍ଟ ସତ୍ତ୍ୱେ ଶର୍ଟସର୍କିଟ ଜନିତ ସମସ୍ୟାରୁ ବିଭାଗ ପକ୍ଷରୁ ପ୍ରତ୍ୟେକ ଦୋକାନରେ ଦିଆଯାଇଥିବା ଆର୍ଥିଂ ବିଚ୍ଛିନ୍ନ କରାଯାଇଥିଲା। ତେବେ ନିକଟରେ ପୁଣି ଦୁଇ ତିନିଟି ଦୋକାନରେ ଶର୍ଟସର୍କିଟ ସମସ୍ୟା ହେବାରୁ ବେପାରୀମାନେ ଭୟରେ ଦୋକାନ ଖୋଲୁନାହାନ୍ତି। ଟିଏଲ୍‌ସି ରୋଡ ଭେଣ୍ଡିଂଜୋନରେ ୪ରୁ ୫ଟି ଦୋକାନ ଖୋଲିଥିବା ବେଳେ ଭାଲିଆବାଡିରେ ଗୋଟିଏ ମଞ୍ଜି ବିକ୍ରୟ କେନ୍ଦ୍ର ଖୋଲିଥିବା ଦେଖିବାକୁ ମିଳିଛି।

## ଖସଡ଼ା ନାହିଁ, ଉଚ୍ଛେଦ କରିଦେଲେ

ପୌର ପ୍ରଶାସନର ଭେଣ୍ଡିଂଜୋନ ନିଷ୍ପତ୍ତି କାହା ସ୍ୱାର୍ଥରେ ବୋଲି ସାଧାରଣରେ ଆଲୋଚନା ହେଉଛି। ପୌର ପ୍ରଶାସନ ପକ୍ଷରୁ ଉଚ୍ଛେଦ ବ୍ୟବସାୟୀଙ୍କୁ ଉପଯୁକ୍ତ ଥଇଥାନ ନେଇ କୌଣସି ଖସଡ଼ା ପ୍ରସ୍ତୁତ କରାଯାଇ ନ ଥିବା ବେଳେ ଜୋରଜବରଦସ୍ତ ବ୍ୟବସାୟୀଙ୍କୁ ଉଚ୍ଛେଦ କରିଦେଲେ ବୋଲି ଜନଜାଗରଣ ପରିବାର ଆବାହକ ରଣଜିତ୍ ମହାପାତ୍ର କହିଛନ୍ତି।

## ମୁକୁଳା ପଡିଛି ଟାଉନ ଥାନା

ଟାଉନ୍ ଥାନାଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଧା ଭଙ୍ଗା ହୋଇ ରହିଥିବା ବେଳେ ପୌର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ମାରୱାଡି ପଟିରୁ ପାଚେରି ନିର୍ମାଣ ଚାଲିଥିବା ବେଳେ ଦୋକାନ ଭାଙ୍ଗିବା ପରେ ଥାନା ପାର୍ଶ୍ୱ ପାଚେରି ମୁକୁଳା ପଡିଛି।

## କୋର୍ଟଙ୍କ ନିର୍ଦ୍ଦେଶକୁ ଅପେକ୍ଷା

୨୦୨୪ ଡିସେମ୍ବର ୨୩ରେ ୩୪ଜଣ ବ୍ୟବସାୟୀ ହାଇକୋର୍ଟରେ ରିଟ୍ ପିଟିସନ ଦାଖଲ କରିଥିଲେ। ୨୪ ତାରିଖରେ ହାଇକୋର୍ଟ ଜଣକିଆ ଖଣ୍ଡପୀଠ ଏହାର ଶୁଣାଣି କରି ଜାନୁଆରୀ ୩୦କୁ ଏହାର ପରବର୍ତ୍ତୀ ଶୁଣାଣି ରଖିଥିଲେ। ଏଥିସହିତ ଖୋର୍ଦ୍ଧା ଜିଲାପାଳ, ଉପଜିଲାପାଳ, କେଏମ୍‌ସି ଚେୟାରମ୍ୟାନ, ନିର୍ବାହୀ ଅଧିକାରୀ ଏବଂ ତହସିଲଦାରଙ୍କୁ ନୋଟିସ ଜାରି କରିଥିବା ବେଳେ ଫେବୃଆରୀ ୨୫ ତାରିଖ ପର୍ଯ୍ୟନ୍ତ ବ୍ୟବସାୟୀଙ୍କ ସପକ୍ଷରେ ଷ୍ଟାସକୋ ଦେଇଥିଲେ। ଏହାର ଡେଟଲାଇନ ସରିଥିବା ବେଳେ ଜାନୁଆରୀ ୩୦ତାରିଖରେ ରହିଥିବା କୌଣସି କାରଣରୁ ଶୁଣାଣି ହୋଇନଥିବା ବେଳେ ଏବେ ହାଇକୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶକୁ ବ୍ୟବସାୟୀ ଏବଂ ପ୍ରଶାସନ ଅପେକ୍ଷା କରିଛି।

# ପରିତ୍ୟକ୍ତ ବସ୍‌ରେ ନିଆଁ


ପୋଡ଼ିଯାଇଥିବା ଦୁଇଟି ବସ୍।

ଜଟଣୀ,୯।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅଧୀନ ରାମଚନ୍ଦ୍ରପୁର ବଜାରଠାରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଦୁଇଟି ବସ୍‌ରେ ରବିବାର ହଠାତ୍ ନିଆଁ ଲାଗିଯାଇଥିଲା। ଖବରପାଇ ଜଟଣୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ବସ୍‌ରେ କିପରି ନିଆଁ ଲାଗିଲା ତାହାର କାରଣ ଅସ୍ପଷ୍ଟ ରହିଛି। ପ୍ରକାଶ ଯେ, ବସ୍‌ଗୁଡିକ ବର୍ଷ ବର୍ଷ ଧରି ରାସ୍ତାକଡ଼ରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିବା ଫଳରେ ଅଳିଆ ଆବର୍ଜନା ଗଦା ହେଉଥିଲା। ଏଥିସହ ଉକ୍ତ ବସ୍‌ରେ ଅନାବନା ଲଟା ମାଡ଼ିଯାଇଥିଲା। ତେବେ ଅଳିଆ ଗଦାରେ କେହି ନିଆଁ ଲଗାଇଦେବାରୁ ବସ୍‌ରେ ନିଆଁ ଲାଗିଥାଇପାରେ ବୋଲି ଅନୁମାନ କରାଯାଉଛି।

# ଏକତା, ଉଦ୍ୟମରେ ବିଦ୍ୟାଳୟର ବିକାଶ ହେବ

ବେଗୁନିଆ,୯।୩(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଚକାପଦା ଗ୍ରାମସ୍ଥିତ ରାମଚଣ୍ଡୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନ ସଭାପତି ବିନୋଦ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଅଧିବେଶନରେ ମୁଖ୍ୟ ଅତିଥିଭାବେ ରାଧାକାନ୍ତପୁର ସରପଞ୍ଚ ଜୁଲିତା ଦାଶ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ମହାପାତ୍ର, ବକ୍ତାଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ବେହେରା ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ର, ପୂର୍ବତନ ସହକାରୀ ଶିକ୍ଷକ ହିମାଂଶୁ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ପ୍ରହରାଜଙ୍କ ଆହ୍ୱାନକ୍ରମେ ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ୧୯୮୫ରୁ ୨୦୨୪ ପର୍ଯ୍ୟନ୍ତ ପୁରାତନ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉକ୍ତ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ଆଲୋଚନା କରାଯାଇଥିଲା। ଏକତାର ପ୍ରତିରୂପ ଏବଂ ଉଦ୍ୟମ ବଳରେ ବିଦ୍ୟାଳୟକୁ ସରସ ସୁନ୍ଦର କରି ଗଢ଼ିତୋଳିବାକୁ ସଭିଏଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରହରାଜ ସ୍ୱାଗତ ଭାଷଣ ଦେବା ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଙ୍ଗଠନର ନୂତନ ସଭାପତିଭାବେ ବିଜୟ କୁମାର ବେହେରା, ସମ୍ପାଦକ ବିଷ୍ଣୁପ୍ରିୟା ଦେଇ ଏବଂ କୋଷାଧ୍ୟକ୍ଷ ଭାବେ ରେଣୁବାଳା ପଣ୍ଡାଙ୍କୁ ଚୟନ କରାଯାଇଛି। ଶେଷରେ ପ୍ରଧାନ ଶିକ୍ଷକ ପ୍ରହରାଜ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ଟାଙ୍ଗୀ,୯।୩ (ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥର କୁହୁଡ଼ି ଫାଣ୍ଡି ନିକଟରେ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ଗ୍ରାମର କେଦାରନାଥ ସ୍ୱାଇଁ(୬୪)। ସୂଚନା ମୁତାବକ, ସାଇକେଲରେ କେଦାରନାଥ ତାଙ୍କ ସ୍ତ୍ରୀଙ୍କ ପାଇଁ ଖାଦ୍ୟ ନେଇ ଆସୁଥିବା ବେଳେ କୁହୁଡି ଫାଣ୍ଡି ନିକଟରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### କୃଷ୍ଣମୋହନ ପାଲଟାସିଂଙ୍କ ପରଲୋକ

ବୋଲଗଡ଼,୯।୩(ଦେବବ୍ରତ ହୋତା)

ସ୍ଥାନୀୟ ଅଞ୍ଚଳର ମୁରବୀଭାବେ ପରିଚିତ କୃଷ୍ଣ ମୋହନ ପାଲଟାସିଂଙ୍କ ରବିବାର ସକାଳେ ବୋଲଗଡ଼ ଗଡ଼ଭିତରସାହି ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୬ ବର୍ଷ ହୋଇଥିଲା। ଅଞ୍ଚଳର ବିକାଶ ପାଇଁ ସମଗ୍ର ଜୀବନକୁ ଉତ୍ସର୍ଗ କରିଥିବା ପାଲଟାସିଂ ଦୁଇଥର ସରପଞ୍ଚ ଭାବେ ଅନେକ ଜନହିତକର କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଧାୟକ ପ୍ରଦୀପ ସାହୁ, କଂଗେସ ନେତା ତାରାପ୍ରସାଦ ପଟ୍ଟନାୟକ, ସଦାଶିବ ମହାପାତ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ବ୍ରଜେନ୍ଦ୍ର ମୁଖାଗ୍ନି ଦେଇଥିଲେ।

### ପୁସ୍ତକ ମେଳା ପାଇଁ ପ୍ରସ୍ତୁତି

କୃଷ୍ଣପ୍ରସାଦ,୯।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ମାଲୁଦ ପଞ୍ଚୁଦୋଳ ଯାତ୍ରାରେ ପୁସ୍ତକ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସଦାନନ୍ଦ ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁସ୍ତକ ମେଳାର ସମ୍ପାଦକ ବିଷ୍ଣୁ ଚରଣ ଦଳେଇ, ପୂର୍ବତନ ଶିକ୍ଷକ ବନ ବିହାରୀ ପଟ୍ଟନାୟକ, ଶିକ୍ଷାବିତ୍ ମହେନ୍ଦ୍ର ବେହେରା, ଦୈତାରୀ ବିଶ୍ୱାଳ, ଅଧ୍ୟାପକ ବସନ୍ତ କୁମାର ନାୟକ, ଶିକ୍ଷକ ସୁରେନ୍ଦ୍ର ପ୍ରଧାନ, ଶିକ୍ଷକ ବିଦ୍ୟାଧର ପ୍ରଧାନ,ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ଶିକ୍ଷକ ପ୍ରଫୁଲ୍ଲ କୁମାର ବିଶ୍ୱାଳ, କବି ମନୋଜ ବାରିକ, ସାମାଜିକ କର୍ମୀ ବାବୁଲା ନାୟକ, ଶିକ୍ଷାବିତ୍ ବିଭୂତି ଭୂଷଣ ହରିଚନ୍ଦନ, ରାଧାଶ୍ୟାମ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ୩ ଦିନ ଧରି ହେବାକୁ ଥିବା ଏହି ପୁସ୍ତକ ମେଳା ସୁପରିଚାଳନା ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଛି। ଉକ୍ତ ମେଳା ଅବସରରେ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ଯୁବଶକ୍ତି ରାଷ୍ଟ୍ର ପ୍ରଗତିର ଚାବିକାଠି


ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ବୋଲଗଡ,୯।୩(ଦେବବ୍ରତ ହୋତା)

ରାଜସୁନାଖଳାସ୍ଥିତ କୋଟଗଡ଼ ଅନନ୍ତ ଆଶ୍ରମଠାରେ ଉତ୍କଳୀୟମ ଫାଉଣ୍ଡେଶନ ଟ୍ରଷ୍ଟର ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ -୨୦୨୫ ରବିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ରାଜୀବ ଲୋଚନ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପୁରୀ ଏମ୍‌ପିଙ୍କ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ମୁଖ୍ୟ ବକ୍ତାଭାବେ ଆଇନଜୀବୀ ଗିରିଜାକାନ୍ତ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ସୁରେଶ କୁମାର ସ୍ୱାଇଁ, ବ୍ରଜବନ୍ଧୁ ସୁବୁଦ୍ଧି, ବାସୁଦେବ ସାହୁ, ଖବରଦାତା ବିଶ୍ୱରଞ୍ଜନ ଆଚାର୍ଯ୍ୟ, ଯୁବନେତା ତ୍ରିନାଥ ବିଶ୍ୱାଳ, ଉତ୍କଳିୟମ ଫାଉଣ୍ଡେଶନ ରାଜ୍ୟ ସଙ୍ଗଠନର ସାଧାରଣ ସମ୍ପାଦିକା ସୁଚିତ୍ରା ବେହେରା, ସ୍ଥାନୀୟ ସମିତିସଭ୍ୟ ତପନ ପ୍ରଧାନ ପ୍ରମୁଖ ଯୋଗଦେଇ ଯୁବଶକ୍ତି ହେଉଛି ରାଷ୍ଟ୍ର ପ୍ରଗତିର ଚାବିକାଠି ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମ ଅବସରରେ ଅନେକ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ରଣପୁର ନନ୍ଦପୁରର ଅଜୟ ଦାସ ଓ ଟିମ୍‌ଙ୍କ ଦ୍ୱାରା ପ୍ରସ୍ତୁତ କେଳାକେଲୁଣୀ ନାଚ ମନ ମୋହିଥିଲା। ଫାଉଣ୍ଡେଶନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ‘ରାତିର କୁହୁଡ଼ି ସକାଳେ ଶେଷ’ ନାଟକ ମଞ୍ଚସ୍ଥ

ଖୋର୍ଦ୍ଧା,୯।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଟାଙ୍ଗିଆପଡ଼ା ଗ୍ରାମର କେଦାରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମା’ ଖଣ୍ଡେଶ୍ୱରୀ ନାଟ୍ୟସଂସଦ ଆନୁକୂଲ୍ୟରେ ସାମାଜିକ ନାଟକ ‘ରାତିର କୁହୁଡ଼ି ସକାଳେ ଶେଷ’ ମଞ୍ଚସ୍ଥ ହୋଇଯାଇଛି। ମହେଶ୍ୱର ମହାରଣାଙ୍କ ରଚିତ ନାଟକକୁ ପ୍ରଶାନ୍ତ ସାହୁ ନିର୍ଦ୍ଦେଶନା ଦେଇଥିବା ବେଳେ ବିଶ୍ୱନାଥ ନନ୍ଦ ମୁଖ୍ୟ ପରିଚାଳକ ଏବଂ ଉପଦେଷ୍ଟା ଭାବେ ବାଦଲ ମଙ୍ଗରାଜ ରହିଛନ୍ତି। ପାରିବାରିକ କାହାଣୀ ଉପରେ ପର୍ଯ୍ୟବେସିତ ଏହି ନାଟକ ଦର୍ଶକଙ୍କ ମନକୁ ଛୁଇଁଥିଲା। ବାଉରିଆ ସାମନ୍ତରାୟ, ଉମାକାନ୍ତ ପଟ୍ଟନାୟକ, ପ୍ରଫୁଲ୍ଲ ରଣା, ନିର୍ମଳ ରାଉତରାୟ, ଆଶିଷ ସାହୁ, ବିଭୁ ଛୋଟରାୟ, ଲିପୁନ ବେହେରା, ଇତୁଲ ଶତପଥୀ, ଜୀବନ ସାମନ୍ତରାୟ, ବାଦଲ ମଙ୍ଗରାଜ, କାଳିଆ ସାହୁ, ବିକାଶ, ସନା, ରାଧାକାନ୍ତ, ପ୍ରଶାନ୍ତ, ରକି, ମୁନୁ ପ୍ରମୁଖ ଅଭିନୟ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗ ଏବଂ ମହାବୀର କ୍ଲବ ସଂଯୋଜନାରେ ନାଟକର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଭାବେ ଭାଜପା ନେତା ସଂଗ୍ରାମ ସାମନ୍ତସିଂହାର, ମନୋରଞ୍ଜନ ବଡ଼ଜେନା, ଗୋପାଳକୃଷ୍ଣ ପ୍ରଧାନ, ଧୀରେନ୍ଦ୍ର ନନ୍ଦ, ସୁରେଶ ସାମନ୍ତରାୟ, ସୁଶାନ୍ତ ନାଟୁଆ, ଶ୍ରୀତମ ରଣା ପ୍ରମୁଖ ଯୋଗଦେଇଥିଲେ।

# ଗୋଲାପାଟଣାରେ ହରେକୃଷ୍ଣ ଉତ୍ସବ

ବେଗୁନିଆ, ୯।୩(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋଲାପାଟଣା ଗ୍ରାମସ୍ଥିତ ମା’ ବୃନ୍ଦାବତୀଙ୍କ ପୀଠରେ ୧୩ତମ ହରେକୃଷ୍ଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ହରିହାଟ, ଶାଳାମଣ୍ଡନ, ଶୁଭ ଅଙ୍କୁରାରୋପଣ ଓ କଳସଯାତ୍ରା ସମ୍ପନ୍ନ ହୋଇଥିଲା। ରବିବାର ଆୟୋଜିତ ନାମସଂକୀର୍ତ୍ତନ ଓ ହୋମଯଜ୍ଞ କାର୍ଯ୍ୟକ୍ରମରେ ୧୩୦ ଜଣ ନାମଧାରୀ ଶ୍ରଦ୍ଧାଳୁ ଯୋଗଦେଇ ପର୍ଯ୍ୟାୟକ୍ରମେ ହରିନାମ ଜପ କରିଥିଲେ। ପୀଠ ପରିସରରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସାହି ସମ୍ପାଦକ ସତ୍ୟାନନ୍ଦ ସାହୁ, ସଭାପତି ବାଙ୍କନିଧି ବେହେରା, ଗୁରୁ ପ୍ରୀତମ ଲଳିତ ନାରାୟଣ ନାଗ, ନୀଳେନ୍ଦ୍ରି ରଣା, ବାସୁଦେବ ବେହେରା, ବେଣୁଧର ପ୍ରଧାନ, ଭିକାରୀ ପ୍ରଧାନ, ଅଭିମନ୍ୟୁ ସାହୁ, କପିଳାସ ବେହେରା, ବିଚିତ୍ରାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

# ଶ୍ରୀମଦ୍ ଭାଗବତ ସପ୍ତାହ ଉଦ୍‌ଯାପିତ

ଜଟଣୀ,୯।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ଶ୍ରୀହରି ବିହାରସ୍ଥିତ ଶ୍ରୀଗୁରୁକୁଳ ଆଶ୍ରମ ଗୋଲକ ଧାମଠାରେ ଚାଲିଥିବା ଶ୍ରୀମଦ୍ ଭାଗବତ ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରବକ୍ତା ଭାବେ ଡ. ପ୍ରଫୁଲ୍ଲ ମିଶ୍ର ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ। ଆୟୋଜକ ଆଶ୍ରମର ମୁଖ୍ୟ ଶ୍ରୀକେଶବ ଦାସ୍‌ଜୀ ମହାରାଜଙ୍କ ନେତୃତ୍ୱରେ ପାଖାଆଖ ଅଞ୍ଚଳର ବହୁ ଭାଗବତ ପ୍ରେମୀ ଯୋଗଦେଇ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ଉଦ୍‌ଯାପନୀ ଦିବସରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ଜେସିବି ଖୋଳିବା ବେଳେ ପାଣି ପାଇପ୍ ଫାଟିଲା

ଖୋର୍ଦ୍ଧା,୯।୩(ପ୍ରଭାତ ପାଣିଗ୍ରାହୀ)

## ପିଇବା ପାଣି ପାଇଁ ଲୋକେ ହଇରାଣ



ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଜେସିବି ଖୋଳିବା ବେଳେ ପାଣି ପାଇପ୍ ଫାଟିଯାଇଛି। ଫଳରେ ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି ବୋଲି ଖୋର୍ଦ୍ଧା ପୌରାଞ୍ଚଳର ଏକ ନମ୍ବର ୱାର୍ଡର କେତେଜଣ ବାସିନ୍ଦା ଅଭିଯୋଗ ଆଣିଛନ୍ତି। ସୂଚନା ମୁତାବକ, ମୁକୁନ୍ଦପ୍ରସାଦ ମୁଖ୍ୟ ରାସ୍ତାରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଯାଇଥିବା ରାସ୍ତାରେ ପ୍ରାୟ ଦୁଇ ବର୍ଷ ପୂର୍ବେ ଖୋର୍ଦ୍ଧା ପୌରପରିଷଦ ଦ୍ୱାରା ନରାଜଠାରୁ ମହାନଦୀ ପାଣି ଯୋଗାଣ ନିମନ୍ତେ ରାସ୍ତା ତଳେ ପାଇପ୍ ବିଛାଯାଇଥିଲା। ୱାଟକୋ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଅର୍ଥ ଜମା କରି ବାସିନ୍ଦା ଗୃହକୁ ପାଣି ପାଇପ୍ ସଂଯୋଗ ନେଇଥିଲେ। ତେବେ ଗତ ୫ଦିନ ପୂର୍ବେ ମୁକୁନ୍ଦପ୍ରସାଦ ଛକଠାରୁ ରାସ୍ତାର ବାମପଟେ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଜେସିବି ଖୋଳିବା ବେଳେ ପାଇପ ଫଟାଇ ଦେବାରୁ ପାଣି ବୋହିଚାଲିଛି। ଫଳରେ ଲୋକେ ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି। ଡ୍ରେନର ଗଭୀରତା, ଓସାର ସ୍ଥିରୀକୃତ ହୋଇ ଟେଣ୍ଡର ଏବଂ ୱାର୍କଅର୍ଡର ଦିଆଯାଇଥାଏ। ଯେଉଁଠାରେ ରାସ୍ତା ତଳକୁ ଖୋଳାଯାଇପାରୁନାହିଁ ସେଠାରେ ରାସ୍ତା ଉପରକୁ ୨ ଫୁଟ ଉଚ୍ଚର ଡ୍ରେନ ବାଡ଼ ନିର୍ମାଣ ହେଉଛି। ସରକାରଙ୍କ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଲୋକେ ହଇରାଣ ହେଉଛନ୍ତି। ପାଇପ ଲାଇନ ଫାଟିବା ଯୋଗୁ ଲୋକଙ୍କ ଘରକୁ ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିବା ସ୍ଥାନୀୟ ବାସିନ୍ଦା ତଥା ବରିଷ୍ଠ ନାଗରିକ ରାମଶଙ୍କର ଅଭିଯୋଗ କରିଛନ୍ତି।

# ଏମ୍‌ଏମ୍‌ସିସି ସମ୍ବଲପୁର ଫାଇନାଲରେ

## ତମାଣ୍ଡୋ କପ୍ ଟି୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଯାଁଳା,୯।୩(ବୁଲା ବାରିକ)


ଅତିଥିଙ୍କଠାରୁ ଜଣେ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା ୭ମ ତମାଣ୍ଡୋ କପ୍ ଟି୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରବିବାର ଏମ୍‌ଏମ୍‌ସିସି ସମ୍ବଲପୁର ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ସାଇ ଏକାଦଶ ଟିମ୍ ପ୍ରଥମେ ବ୍ୟାଟିଂକରି ୧୮.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଏମ୍‌ଏମ୍‌ସିସି ସମ୍ବଲପୁର ୧୭.୪ ଓଭରରେ ୬ ଉଇକେଟ ହରାଇ ୧୪୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଗୋବିନ୍ଦ ପୋଦ୍ଦାର ୬୯ ରନ୍ ସଂଗ୍ରହକରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଅତିଥିଭାବେ ସୁଶାନ୍ତ କୁମାର ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୋମବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଟିସିସି ଭୁବନେଶ୍ୱର ଏବଂ ଆଇକନିକ୍ ଏକାଦଶ ଢେଙ୍କାନାଳ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଆମ ଗାଁ ମହୋତ୍ସବ ଉଦ୍‌ଯାପିତ

ବେଗୁନିଆ,୯।୩(ସନ୍ଧ୍ୟାରାଣୀ ମିଶ୍ର)



ଆମ ଗାଁ ମହୋତ୍ସବ ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଳିପଦର ଗ୍ରାମର ପାରିଜାତ କ୍ଲବ ସମ୍ମୁଖରେ ପାଞ୍ଚଦିନ ଧରି ଚାଲିଥିବା ଆମ ଗାଁ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଆମ ଗାଁ ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତା ଏବଂ ଉପସ୍ଥାପକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଜିଲାପରିଷଦ ଅଧ୍ୟକ୍ଷ ରୂପଶ୍ରୀରାଣୀ ଗୁମାନସିଂହ ମୁଖ୍ୟ ଅତିଥି, ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ମୁଖ୍ୟବକ୍ତା, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ପ୍ରଦୀପ୍ତ କିଶୋର ଛୋଟରାୟ, ସାମାଜିକ କର୍ମୀ ମନୋଜ କୁମାର ପ୍ରଧାନ, ଶିବ ନାରାୟଣ ମିଶ୍ର, ମାନସ ରଞ୍ଜନ ଦାଶ, ଉପଦେଷ୍ଟା ପ୍ରଶାନ୍ତ କୁମାର ବେହେରା, ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ଇତିହାସକୁ ପୁନର୍ଜୀବନ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଡିଭାଇନ ଡ୍ୟାନ୍ସ ଗ୍ରୁପ୍ ଖୋର୍ଦ୍ଧା, ସ୍ମୃତି କଳା ସଦନ ଭୁବନେଶ୍ୱର, ବରଗଡ଼ ସମ୍ବଲପୁରୀ, ଭୁବନେଶ୍ୱର ମନ୍ଦାକିନୀ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବାପି ମହାପାତ୍ର ଏବଂ ମୃତ୍ୟୁଞ୍ଜୟ ପଣ୍ଡା ସଂଯୋଜନା କରିଥିଲେ। ପରେ ଅମିୟ ଭୂଷଣ ପଣ୍ଡାଙ୍କ ରଚିତ ପୁସ୍ତକ ‘ଭିନ୍ନ ଏକ ନୀଡ଼’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଭା ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବ କମିଟି ଉପସଭାପତି ବିଦ୍ୟାଧର ମହାରଣା ଧନ୍ୟବାଦ ଦେଇଥିଲେ।

**ଦିଲ୍ଲୀ ସାହିତ୍ୟ ଉତ୍ସବରେ ଯୋଗ ଦେବେ ବଦ୍ରି ମିଶ୍ର**

ପୁରୀ,(ଅଜିତ୍ କୁମାର ମହାନ୍ତି)-କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ନୂଆଦିଲ୍ଲୀରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ହେବାକୁ ଯାଉଥିବା ଏସିଆର ସର୍ବବୃହତ ସାହିତ୍ୟ ଉତ୍ସବରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ଗୀତିକାର ବଦ୍ରି ମିଶ୍ର ଯୋଗଦେବେ। ମିଶ୍ର ଗତବର୍ଷ ଦିଲ୍ଲୀ ଉତ୍ସବରେ ଯୋଗଦେଇ କବିତା 'ମୋକ୍ଷ' ପାଇଁ ସମ୍ବର୍ଦ୍ଧିତ ହୋଇଥିଲେ। ଚଳିତ ମାସ ୧୧ ତାରିଖରେ ହେବାକୁ ଥିବା କବି ସମ୍ମିଳନୀରେ ନେପାଳୀ, ଆସାମୀ, ତାମିଲ୍, ମାଲାୟାଲମ, ହିନ୍ଦୀ, ତେଲଗୁ ଓ ମୈଥିଳି କବିମାନଙ୍କ ସହ ମିଶ୍ର ଓଡ଼ିଆ କବି ଭାବେ ଯୋଗଦେଇ କବିତା 'ବୟସର ଲୋରି' ପାଠ କରିବେ। ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୩।୨୦୨୫

| | |
|---|---|
| ୭,୨୭,୨୨୪ ଟଙ୍କା | |
| ସୁନା | ୨.୫୯୦ ଗ୍ରାମ୍ |
| ରୁପା | ୪୭.୬୦୦ ଗ୍ରାମ୍ |

# ନାରୀ ପ୍ରତି ଅବଜ୍ଞା ବଡ଼ କଳଙ୍କ

**ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)**

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ 'ସଙ୍ଗଶ୍ରୀ ଫାଉଣ୍ଡେଶନ୍' ପକ୍ଷରୁ ପ୍ରତିଷ୍ଠାତା ନିର୍ଦ୍ଦେଶିକା ଅରୁଣିମା ନନ୍ଦଙ୍କ ଅଧ୍ୟକ୍ଷତାରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ମାନବ ଅଧିକାର କର୍ମୀ ପ୍ରିୟମ୍ବଦା ନାୟକ, ସାହିତ୍ୟିକା ପ୍ରତିଭା ତ୍ରିପାଠୀ, ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ଶିକ୍ଷାବିତ୍ ସସ୍ମିତା ସାହୁ, ସମାଜସେବୀ ରିଙ୍କି ବାରିକ, ପୂର୍ବତନ ପୌରସଦସ୍ୟା ଅଞ୍ଜୁ ପ୍ରଧାନ ଏବଂ ସୁଚିସ୍ମିତା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସାମାଜିକ ସ୍ତରରେ ନାରୀ ପ୍ରତି ଅବହେଳା ଓ ଅବଜ୍ଞା ବଡ଼ କଳଙ୍କ ବୋଲି ସେମାନେ କହିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାରୀ ପ୍ରତିଭା, ସାମାଜିକ ସଙ୍ଗଠନ, ସ୍ୱୟଂସହାୟକ ଗୋଷ୍ଠୀ ଏବଂ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସଭାପତି ସବିତା ମିଶ୍ର ସ୍ୱାଗତ ଭାଷଣ ଓ ସମ୍ପାଦିକା ପଦ୍ମିନୀ ବେହେରା ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଇତ ହୋଇଥିଲା। ସେହିପରି ମହିଳା ସଙ୍ଗଠନ ଓମେନ୍ସ ପକ୍ଷରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଦ୍ୱୀପ ପ୍ରଜ୍ୱଳନ ପୂର୍ବକ ହୁଳହୁଳି ଦେଇ ଅଧ୍ୟକ୍ଷା ସରୋଜିନୀ ମହାନ୍ତିଙ୍କ ନେତୃତ୍ୱରେ ବେଢା ପରିକ୍ରମା କରାଯାଇଥିଲା। ଏଥିରେ ସଂସ୍କୃତି ପ୍ରଚାରକ ଯୋଗେନ୍ଦ୍ର ଦାସ ଓ ନାରୀ ସଂଗଠିକା ନଳିନୀ ଲଲାଟେନ୍ଦୁ ମିଶ୍ର ଯୋଗଦେଇଥିଲେ। ସିଂହଦ୍ୱାର ସାମ୍ନାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କୁ ସରୋଜିନୀ ମହାନ୍ତି ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପୁରୀ ଶାଖା ତରଫରୁ ଶନିବାର ଅନ୍ତଜାର୍ତୀୟ ମହିଳା ଦିବସ ପାଳନ ହୋଇଛି। ଏହି ଅବସରରେ 'ମହିଳା ସଶକ୍ତୀକରଣରେ ରାଜଯୋଗର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷା ପ୍ରତିମା ପଣ୍ଡା ମଞ୍ଚାସୀନ ଥିଲେ। ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଏବଂ ଆରକ୍ଷୀ ନିରିକ୍ଷୀକା ସସ୍ମିତା ବେହେରା ପ୍ରମୁଖ ଯୋଗଦେ ଆଲୋଚନାରେ ଭାଗ ନେଇପାରିବେ। ବ୍ରହ୍ମାକୁମାରୀ ପୁରୀର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡ. ନିରୁପମା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମାକୁମାରୀ ପ୍ରତିମା ଧନ୍ୟବାଦ ଦେଇଥିବାବେଳେ ବ୍ରହ୍ମ କୁମାର, ସତ୍ୟ ମଞ୍ଚ ସଂଯୋଜନା କରିଥିଲେ।



**ପୁରୀ:** ଫଗୁଦଶମୀ ଅବସରରେ ରବିବାର ଫଗୁ ଖେଳିବା ପାଇଁ ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଏବଂ ଶ୍ରୀଦେବୀଙ୍କ ସହ ଜଗନ୍ନାଥବଲ୍ଲଭକୁ ବିଜେ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ଯୁବକଙ୍କ ଗଳିତ ମୃତଦେହ ଜବତ

**କୋଣାର୍କ,୯।୩(ଜ୍ୟୋତିରାଜ ମହାନ୍ତି)**

ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ ସୁତନ ପଞ୍ଚାୟତ ଟିକନା ଗ୍ରାମର ପୁରୁଣା ଗୋଠ ସନ୍ନିକଟ ନଦୀବନ୍ଧରୁ ପୋଲିସ ଏକ ଅଜଣା ଯୁବକଙ୍କ ଗଳିତ ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ସୁତନ ପଞ୍ଚାୟତର ଟିକନା ଗ୍ରାମର ପୁରୁଣା ଗୋଠ ସନ୍ନିକଟ ନଦୀବନ୍ଧରେ ଏକ ଅଜଣା ଯୁବକର ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଅଞ୍ଚଳର ଲୋକେ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସକୁ ଖବର ଦେଇଥିଲେ। ଖବରପାଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାଧିକାରିଣୀ ପ୍ରତିମା ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ମେଡିକାଲ୍‌କୁ ପଠାଇଛନ୍ତି। ଏହା ଆତ୍ମହତ୍ୟା ନା ସୁପରକଳ୍ପିତ ହତ୍ୟା ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

**ନିମାପଡ଼ା,୯।୩(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଥାନା ପୋଲିସ କୁଶଭଦ୍ରା ନଦୀ ବ୍ରିଜ୍ ନିକଟସ୍ଥ ଗୋଲେଇ ଛକଠାରେ ଚଢ଼ାଉ କରି ବେଆଇନ ବାଲି ଚାଲାଣ ଅଭିଯୋଗରେ ଗୋଟିଏ ବୋଲି ବୋଝେଇ ହାଇୱାକୁ ଜବତ କରିଛି। ଏଥିସହ ଚାଳକ ଚାରିଛକ ଥାନା ଅଧୀନ ଓରପଟ ଗ୍ରାମର ବିଶ୍ୱବିକାଶ ପଟ୍ଟନାୟକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏନେଇ ଥାନାର ମହିଳା ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ହାଇୱା ମାଲିକ ନିଆଳି ଥାନା ଅଧୀନ ପାହାଙ୍ଗା ଦେଉଳି ଗ୍ରାମର ରୋହିତ ସ୍ୱାଇଁ ଓ ଚାଳକ ବିଶ୍ୱବିକାଶଙ୍କ ବିରୋଧରେ ୬୪/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ରାତି ୧୦ଟା ପରେ ନିମାପଡ଼ା ଅଞ୍ଚଳରେ ବହୁ ହାଇୱା ଗାଡ଼ି ବେଆଇନ ଭାବେ ଅବାଧରେ ବିଭିନ୍ନ ଅଞ୍ଚଳକୁ ବାଲି ଚାଲାଣ କରୁଥିବା ଦେଖାଯାଉଛି। ପୋଲିସ ଓ ଖଣି ବିଭାଗ ପକ୍ଷରୁ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ବରିଷ୍ଠ ନାଗରିକଙ୍କୁ କାର୍ଡ ବଣ୍ଟନ

**ଯୋଗେଶ୍ୱରପୁର, ୯।୩(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଫାଣ୍ଡି ଅଧିକାରୀ ବୁଲୁ ସେଠୀ ଶନିବାର ବରିଷ୍ଠ ନାଗରିକଙ୍କୁ କାର୍ଡ ପ୍ରଦାନ କରିଛନ୍ତି। ବରିଷ୍ଠ ନାଗରିକ ସଦସ୍ୟା ସୁଭାସିନୀ ନନ୍ଦୀ, ଭଗବାନ ପାଢ଼ୀ, ଗନ୍ଧର୍ବ ସାହୁ ପ୍ରମୁଖ ୮ ବରିଷ୍ଠ ନାଗରିକଙ୍କୁ କାର୍ଡ ପ୍ରଦାନ କରାଯାଇଛି। ଏହି ସମୟରେ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ, କୃଷ୍ଣଚନ୍ଦ୍ର ବାରିକ ଓ ମଧୁସୂଦନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପକ ସମ୍ମାନିତ



ରାଜ୍ୟସ୍ତରୀୟ ଯୁବରେଡ୍‌କ୍ରସ ପୁରସ୍କାର ବିତରଣ ଉତ୍ସବରେ ପୁରସ୍କୃତ ହୋଇଥିବା ବ୍ୟକ୍ତିବିଶେଷ ।

**ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)**

**ରାଜ୍ୟସ୍ତରୀୟ ଯୁବ ରେଡକ୍ରସ୍ ପୁରସ୍କାର ବିତରଣ ଉତ୍ସବ**

ଭୁବନେଶ୍ୱରସ୍ଥିତ ରାଜଭବନର ନୂଆ ଅଭିଷେକ ହଲ୍‌ରେ ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ତରଫରୁ ରାଜ୍ୟସ୍ତରୀୟ ଯୁବରେଡ୍‌କ୍ରସ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୀ ଜିଲାରୁ ୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ମାମିନା ପ୍ରଧାନ, ଏଲ୍. ମୁନା ବେହେରା, କଣାସ ଦୟାବିହାର ଡିଗ୍ରୀ ମହାବିଦ୍ୟାଳୟର ସସ୍ମିତା ଜେନା, ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଶ୍ରେଷ୍ଠ କାଉନସିଲର ଭାବେ ଦୟାବିହାର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁ, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ନିମାପଡ଼ାସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଭାଗ୍ୟଶ୍ରୀ ମିଶ୍ର, ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ଶ୍ରେଷ୍ଠ କାଉନସିଲର ଭାବେ ଗଡ଼ରୋଡଙ୍ଗସ୍ଥିତ ବିଜେବି +୩ ମହାବିଦ୍ୟାଳୟର ଇତିଶ୍ରୀ ସୁନ୍ଦରା, ବାଲିପୁଟସ୍ଥିତ ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟର କମଳ କୁମାର ଦାଶ, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଦୟାବିହାର ଡିଗ୍ରୀ ମହାବିଦ୍ୟାଳୟର ଚନ୍ଦନ ବିଶୋଇ ଏବଂ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୁରୀସ୍ଥିତ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର କାର୍ତ୍ତିକ ପଣ୍ଡା ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ରାଜ୍ୟପାଳ ସମସ୍ତଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, ଓଡ଼ିଶା ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର, ଯୁବ ରେଡକ୍ରସ୍ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲା ଯୁବ ରେଡକ୍ରସ୍ ଆବାହକ ଡ. ସ୍ମୃତିରେଖା ସାହୁଙ୍କ ସମେତ ୨୦ଜଣ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଲୋକ ଅଦାଲତରେ ୨୨ ଫୌଜଦାରି ମାମଲା ଫଇସଲା

**କଣାସ,୯।୩ (ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ସିଭିଲ ଜଜ୍ ତଥା ଜେଏମ୍‌ଏଫ୍‌ସି ଅଦାଲତରେ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨ଟି ଫୌଜଦାରି ମାମଲା ସମାଧାନ କରାଯାଇଛି। ବିଚାରପତି ଅନୁସମ ଦାସ, ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ନିଯୁକ୍ତ ପାନେଲ ଆଇନଜୀବୀ ସୁଶାନ୍ତ କୁମାର ମହାନ୍ତି, କାର୍ଯ୍ୟରତ ପେସ୍କାର ଦିଲୀପ କୁମାର ତରାଇ, ଜ୍ୟୋତିରଞ୍ଜନ ପାଢ଼ୀ, ବିଜୟ ବିଶୋଇ, କଣାସ ବାର୍ ଆସୋସିଏଶନ ସଭାପତି ସଦାନନ୍ଦ ପ୍ରଧାନ, ଆଇନଜୀବୀ ଅଶୋକ ପାଣିଗ୍ରାହୀ, ନିରଞ୍ଜନ ମୁଦୁଲି, ପ୍ରବୋଧ ତ୍ରିପାଠୀ, ସ୍ନେହାଶିଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ପିପିଲି କୋର୍ଟରେ ମହିଳା ଦିବସ

**ପିପିଲି,୯।୩ (ଦୁର୍ଗାମାଧବ ମିଶ୍ର)**

ପିପିଲି କୋର୍ଟରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ପିପିଲି ସହକାରୀ ଦୌରାଜଜ୍ ବିଶେଷ କୁମାର ସାହୁ ଓ ଜୁଡିସିଆଲ ମାଜିଷ୍ଟ୍ରେଟ ସଂଗ୍ରାମ କୁମାର ମିଶ୍ର ଯୋଗ ଦେଇ କହିଥିଲେ, ମହିଳାମାନେ ସ୍ୱାବଲମ୍ବୀ ହୋଇ ନିଜ ମୌଳିକ ସୁବିଧାରୁ ବଞ୍ଚିତ ନ ରହି ଆଗକୁ ଆଗେଇଯିବା ଆବଶ୍ୟକ । ମହିଳା କିଭଳି ମାଗଣା ଆଇନଗତ ସହାୟତା ସେବା ନ୍ୟାୟାଳୟରୁ ପାଇପାରିବେ, ସେନେଇ ଗୁରୁତ୍ୱ ଦେବା ସହ ସେମାନଙ୍କୁ ସାହାଯ୍ୟ ସହାନୁଭୂତି ଓ ଆଇନସେବା ଯୋଗାଇ ଦେବା ଆମ୍ଭର କାମ୍ୟ ବୋଲି କହିଥିଲେ। ଏହି ସମୟରେ ଆଇନଜୀବୀ ହାଜୁବନ୍ଧୁ ଯେନା, ଶିବ ପ୍ରସାଦ ସାହୁ, ବିଚିତ୍ର ଭୂଷଣ ମହାପାତ୍ର, ସୁରେଖା ଦାଶଙ୍କ ସମେତ ଅନ୍ୟ ଆଇନଜୀବୀ ପ୍ରମୁଖ ସାମିଲ ହୋଇଥିଲେ।

## 'ଆଧାତ୍ମିକ ଉତ୍କର୍ଷ ନାରୀ ମୁକ୍ତିର ମନ୍ତ୍ର'

**ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)**

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡିଆ ବିଭାଗ ଏବଂ ମହିଳା ସଶକ୍ତୀକରଣ ଓ ସୁରକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ଶନିବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରଫେସର ମିହିର ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ମୁଖ୍ୟବକ୍ତା ଭାବେ କବି ଅପର୍ଣ୍ଣା ମହାନ୍ତି, ଅନ୍ୟତମ ଅତିଥି ଭାବେ କବି ସୁଚେତା ମିଶ୍ର, ଓଡ଼ିଆ ବିଭାଗ ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁ ଯୋଗଦେଇ ଆଧାତ୍ମିକ ଉତ୍କର୍ଷ ହିଁ ନାରୀ ମୁକ୍ତିର ମନ୍ତ୍ର ବୋଲି କହିଥିଲେ। ପ୍ରାଧାପିକ ଭି. ସାରଦା କାର୍ଯ୍ୟକ୍ରମ ଆଭିମୁଖ୍ୟ, ଡ. ହେନେରିଟା ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା ଏବଂ ଡ. ନମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ନାଟକ ସ୍ୱୟଂସିଦ୍ଧା ପରିବେଷଣ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ପ୍ରଭୁ ଦର୍ଶନ ଭବନ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଅନ୍ୟ ଅତିଥି ।

**ବଳଙ୍ଗା,୯।୩(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ଥାନା ନିକଟସ୍ଥ ସମରେଇ ଶାଶନଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରଭୁଦର୍ଶନ ଭବନର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ରବିବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନ୍ୟାସ୍‌ନାଲ କୋଅର୍ଡିନେଟର ବ୍ରହ୍ମକୁମାର ବି କେ ରାମନାଥ ଭାଜି, ଭୁବନେଶ୍ୱର ସବ୍‌ଜୋନ ପରିଚାଳକ ରାଜଯୋଗିନୀ ବ୍ରହ୍ମକୁମାର ସୂର୍ଯ୍ୟମଣୀ, ଡ. ପ୍ରତିଭା ମହାରଥୀ, ବ୍ରହ୍ମକୁମାରୀ ଡ. ଉର୍ମିଳା, ସାଇଶଶାସନ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।

## ସେମିରେ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ

**ଗୋପ,୯।୩(ଭାରତୀ ଭୂଷଣ ଉପାଧ୍ୟାୟ)**

**ଧର୍ମେନ୍ଦ୍ର ମେମୋରିଆଲ କ୍ରିକେଟ୍ ଉଦ୍‌ଘାଟିତ**

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ରାଜ୍ୟସ୍ତରୀୟ ଦ୍ୱିତୀୟ ଧର୍ମେନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟକୁ ପୂର୍ବତନ ଦିବଂଗତ ପୂର୍ବତନ ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ପତ୍ନୀ ସାମାଜିକ କର୍ମୀ କସ୍ତୁରୀବାଳା ସ୍ୱାଇଁ, ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ ଏବଂ ଯୁବନେତା ମନଦୀପ ପାଇକରାୟ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ଖେଳରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ ବିଜୟୀ ହୋଇଛି। ଟସ୍ ଜିତି ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭର ବିଶିଷ୍ଟ ମ୍ୟାଚରେ ସମସ୍ତ ଉଇକେଟ ହରାଇ ୧୨୧ ରନ୍ ସଂଗ୍ରହ କରିଥିଲା। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ଆବଶ୍ୟକତା ଅନୁଯାୟୀ ୯ ଉଇକେଟ ହରାଇ ୧୨୧ ରନ୍ କରିବାରୁ ମ୍ୟାଚ ଟାଇ ହୋଇଥିଲା। ପରେ ଗୋପ ଆଥ୍‌ଲେଟିକ୍ ଆସୋସିଏଶନ କ୍ଲବର ନିଷ୍ପତ୍ତି ଅନୁସାରେ ସୁପର ଓଭର ମ୍ୟାଚ୍‌ରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ବିଜୟୀ ହୋଇ ସେମି ଫାଇନାଲରେ ପହଞ୍ଚିଥିଲା। ଖେଳରେ ନିମାପଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଯୋଗଦେଇ ବିଜୟୀ ଦଳର ରମଣୀ ରଞ୍ଜନ ଜେନାଙ୍କୁ ମ୍ୟାଚ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦେଇଥିଲେ। ଖେଳକୁ ପ୍ରମୋଦ କୁମାର ସିହ୍ନା, ଦେବେନ୍ଦ୍ର କୁମାର ମିଶ୍ର ପରିଚାଳନା କରିଥିଲେ। ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ତମାଣ୍ଡୋ କ୍ରିକେଟ କ୍ଲବ ଓ କଟକର ମାଷ୍ଟର କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଗୋପ ଆଥ୍‌ଲେଟିକ ଆସୋସିଏଶନର ଶୁଭେନ୍ଦୁ କୁମାର ପୃଷ୍ଟି, କାମାକ୍ଷା ପ୍ରସାଦ ଦଳବେହେରା, ସୁବାସ କୁମାର ସେନାପତି, କମଳ ଭୂଷଣ ଉପାଧ୍ୟାୟଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଏସ୍‌ଡିପିଓଙ୍କୁ ଦାବିପତ୍ର ଦେଲା ହିନ୍ଦୁ ସେନା




ପିପିଲି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହିନ୍ଦୁ ସେନାର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ସାକ୍ଷୀଗୋପାଳ,୯।୩(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

**ମଟନରେ ଗୋମାଂସ ମିଶ୍ରଣ ଘଟଣା**

ମଟନରେ ଗୋମାଂସ ମିଶ୍ରଣ, ଗୋହତ୍ୟା ରୋକିବାକୁ କଡ଼ା ଆଇନ ପ୍ରଣୟନ ପାଇଁ ହିନ୍ଦୁ ସେନାର କର୍ମକର୍ତ୍ତାମାନେ ପିପିଲି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଧାମରେ ଏଭଳି ଜଘନ୍ୟ ଓ ଘୃଣ୍ୟ କାର୍ଯ୍ୟରେ ଲିପ୍ତ ଅପରାଧୀଙ୍କୁ ଗିରଫ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଜୟା ହୋଟେଲକୁ ଭାଙ୍ଗିଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଜୟା ହୋଟେଲ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ହିନ୍ଦୁ ସେନା ଡାକରା ଦେଇଥିଲେ ମଧ ସେଠାରେ ବିଏନ୍‌ଏସ୍୧୬୩ ଧାରା ଜାରି କରାଯାଇଥିଲା। ହିନ୍ଦୁ ସେନା ପକ୍ଷରୁ ଦେବାଶିଷ ରାଉତଙ୍କ ସମେତ ଅନ୍ୟମାନେ ପିପିଲି ଏସଡିପିଓ ଦେବାଶିଷ ମିଶ୍ରଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ। ତଦନ୍ତ ରିପୋର୍ଟ ଆଧାରରେ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ମିଶ୍ର ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

ସାକ୍ଷୀଗୋପାଳ କଲେଜ ଛକ ନିକଟରେ ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଓ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। କଲେଜ ଛକର ଏକ କି.ମି. ମଧ୍ୟରେ ୪ ଜଣରୁ ଅଧିକ ବ୍ୟକ୍ତି ଏକତ୍ରିତ ନ ହେବା ଦିଗ ପ୍ରତି ନଜର ରଖିଥିଲେ।

## ଶ୍ରେଷ୍ଠ ସିଡିପିଓ ଭାବେ ମମତା ନାୟକ ସମ୍ବର୍ଦ୍ଧିତ




ସିଡିପିଓ ମମତା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଅସ୍ତରଙ୍ଗ,୯।୩(ପ୍ରଦୀପ୍ତ କୁମାର ଦୀକ୍ଷିତ)**

କୋଣାର୍କ ଯାତ୍ରୀ ନିବାସ ବାଙ୍କୁଏଟ ହଲ୍‌ରେ ମହିଳା ଓ ଶିଶୁବିକାଶ ବିଭାଗ, ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲାସ୍ତରୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ମଣ୍ଡଳ ଶିଶୁ ବିକାଶ ଅଧିକାରିଣୀ ଭାବେ ମମତା ନାୟକ ସମ୍ବର୍ଦ୍ଧିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଗୋପ ବିଡିଓ ଛବିରାଣୀ ସାହୁ, ନିମାପଡ଼ା ବିଡିଓ ଅଭିଜିତ ଷଡ଼ଙ୍ଗୀ, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ତନୁପ୍ରଭା ବେଉରା ଅତିଥି ଭାବେ ଉପସ୍ଥିତ ରହି ପୁରୀ ଜିଲାରେ ଶ୍ରେଷ୍ଠ ସିଡିପିଓ ଭାବେ ଅସ୍ତରଙ୍ଗ ମଣ୍ଡଳ ଶିଶୁବିକାଶ ଅଧିକାରିଣୀ ମମତା ନାୟକଙ୍କୁ ଉପଢ଼ୌକନ ସହ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରେଷ୍ଠ ପୁରସ୍କାର ପାଇବା ପରେ ଅସ୍ତରଙ୍ଗ ଅଞ୍ଚଳରେ ଖୁସିର ଲହରୀ ଖେଳିବା ସହ ବିଭିନ୍ନ ମହଲରୁ ମଣ୍ଡଳ ଶିଶୁବିକାଶ ଅଧିକାରିଣୀ ମମତା ନାୟକଙ୍କୁ ପ୍ରଶଂସାର ସୁଅ ଛୁଟୁଛି।

# ମାତାପିତାଙ୍କ ସେବା ପ୍ରକୃତ ମାନବ ଧର୍ମ

**ସାକ୍ଷୀଗୋପାଳ,୯।୩(ଭରତ ରାଉତ)**

ଛାତ୍ରୀଛାତ୍ର ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କୁ ଆରମ୍ଭରୁ ଠିକ୍ ମାର୍ଗଦର୍ଶନ ଦେଲେ ଦେଶ ଓ ଜାତିର ଉନ୍ନତି ହୋଇପାରିବ। ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ସହ ଛାତ୍ର ସମାଜର ଚରିତ୍ର ଗଠନ ତଥା ଦେଶ ଓ ଜାତିର ଉନ୍ନତିରେ ସହାୟକ ହୋଇପାରିବ। ଏ କ୍ଷେତ୍ରରେ ମାତାପିତା, ଶିକ୍ଷକ ଏବଂ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାତାପିତାଙ୍କ ସେବା ହିଁ ପ୍ରକୃତ ମାନବ ଧର୍ମ ବୋଲି ପୂର୍ବତନ ଏମ୍‌ପି ତଥା କବି ଡ. ପ୍ରସନ୍ନ ପାଟଶାଣୀ କହିଛନ୍ତି। ସତ୍ୟବାଦୀ ବ୍ଲକ ଅଧୀନ ଅଳଗୁମ ଖଣ୍ଡାୟତ ସାହି ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ 'ଆମ ସଂସ୍କୃତି ଓ ଆମ ଖେଳନା' କାର୍ଯ୍ୟକ୍ରମ ସହ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ. ପାଟଶାଣୀ ଯୋଗଦେଇ ଏହା କହିଛନ୍ତି। ଶିକ୍ଷକ ଦୁଃଖିଶ୍ୟାମ ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସରସ୍ୱତୀ ବିଶ୍ୱାଳ, ସମିତି ସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ବରାଳ, ସହକାରୀ ଶିକ୍ଷୟିତ୍ରୀ ଅର୍ପିତା ବେହେରା, ପରିଚାଳନା କମିଟି ସଭାପତି ଶର୍ମିଷ୍ଠା ପଲାଇ, କବି ସଚ୍ଚିକାନ୍ତ ବିଶ୍ୱାଳ, ଯୋଗ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ, ସାମାଜିକ କର୍ମୀ ସାଧୁଚରଣ ବେହେରା, ଡ. ପି.କେ. ଦାସ, ଶିକ୍ଷକ ସମୀର ସିଂ, ଶିକ୍ଷକ ଶକ୍ତିଧର ପାଟଶାଣୀ, ଆଲୁମ୍ନା କମିଟି ସଭାପତି ଆଲୋକ ବିଶ୍ୱାଳ, ବକୁଳବନ ମହୋତ୍ସବ କମିଟି ସମ୍ପାଦକ ଯଯାତିକେଶରୀ ରାୟ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଖବରଦାତା ଭରତ ରାଉତଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ବିଦ୍ୟାଳୟର ବାର୍ଷିକୋତ୍ସବ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଓ ଅନ୍ୟମାନେ ।

# ବିଭିନ୍ନ ବର୍ଗରେ ଆର୍ଯ୍ୟନ୍, ବାସନ୍ତୀ, କୁଶାଲ, ତେଜଲ, ତନି ପ୍ରଥମ

**ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)**

**ଏନ୍‌ଟିପିସି ସର୍ବଭାରତୀୟ ର୍‍ୟାଙ୍କିଙ୍ଗ ତୀରନ୍ଦାଜୀ କନିଷ୍ଠ ପ୍ରତିଯୋଗିତା**

ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ତୃତୀୟ ଏନ୍‌ଟିପିସି ସର୍ବଭାରତୀୟ ର୍‍ୟାଙ୍କିଙ୍ଗ ତୀରନ୍ଦାଜୀ କନିଷ୍ଠ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରିକର୍ଭ ବାଳକ ବିଭାଗରେ ଉତ୍ତରପ୍ରଦେଶର ଆର୍ଯ୍ୟନ ରାନା ତାଙ୍କ ରାଜ୍ୟର ରୋହିତ କୁମାରଙ୍କୁ ହରାଇଛନ୍ତି। ରୋହିତ କୁମାର ଦ୍ୱିତୀୟ ଓ ମହାରାଷ୍ଟ୍ରର ଉଜ୍ଜ୍ୱଳ ଭରତ ଓଲେକର ଉତ୍ତରପ୍ରଦେଶର ଉଜ୍ଜ୍ୱଳ ଧାମାଙ୍କୁ ହରାଇ ତୃତୀୟ ହୋଇଛନ୍ତି। ମହିଳା ବିଭାଗରେ ପଶ୍ଚିମବଙ୍ଗର ବାସନ୍ତୀ ମାହାତୋ ଓଡ଼ିଶାର ମନଶ୍ୱରୀ ହାସଦକଙ୍କୁ ଏବଂ ମଧ୍ୟପ୍ରଦେଶର ଭିତାଶା ଠାକୁର ତାଙ୍କ ରାଜ୍ୟର କ୍ରାତିକା ବିଚପୁରୀୟାଙ୍କୁ ହରାଇଛନ୍ତି। କମ୍ପାଉଣ୍ଡ ବାଳକ ବିଭାଗରେ ହରିୟଣାର କୁଶାଲ ଦଲାଲ ଛତିଶଗଡ଼ର ନିଶାନ୍ତ ପଟେଲଙ୍କୁ ଏବଂ ରାଜସ୍ଥାନର ପ୍ରଧୁମନ ଯାଦବ ଚଣ୍ଡିଗଡର ହର୍ଷ କୁମାରଙ୍କୁ ହରାଇଛନ୍ତି। ବାଳିକା ବିଭାଗରେ ମହାରାଷ୍ଟ୍ରର ତେଜଲ ରାଜେନ୍ଦ୍ର ସାଲଭେ ଦିଲ୍ଲୀର କୁମୁଦ ସାଇନିଙ୍କୁ ଏବଂ ତେଲଙ୍ଗାନାର ତନି ପାର୍ଥୀ ଚିକିଥା ରେଲୱେ ସ୍ପୋର୍ଟସ ପ୍ରମୋଶନ ବୋର୍ଡର ମାୟା ବିଷ୍ଣୋଇଙ୍କୁ ହରାଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ଆର୍ଚ୍ଚେରୀ ଆସୋସିଏଶନର ଉପସଭାପତି ରବୀନ୍ଦ୍ରନାଥ ପଟ୍ଟନାୟକ, ପୂର୍ବତନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ଓ କୋଷାଧ୍ୟକ୍ଷ ସୌରଜିତ ସିଂହ ଏବଂ ରୋଭର୍ସ କ୍ଲବର କାର୍ଯ୍ୟକାରୀ ସଭାପତି ସମୀର କୁମାର ପରିଜା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।




ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ।

### ଶ୍ରୀକୃଷ୍ଣ ଚୈତନ୍ୟ ସେବାଶ୍ରମର ବାର୍ଷିକ ଉତ୍ସବ

ବାଙ୍କୀ,୯।୩(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ଢ଼ଁସର ପଞ୍ଚାୟତ ଅନ୍ତର୍ଗତ ଶ୍ରୀକୃଷ୍ଣ ଚୈତନ୍ୟ ସେବାଶ୍ରମର ପଞ୍ଚଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ମହନ୍ତ ତ୍ରିଦଣ୍ଡି ସନ୍ନ୍ୟାସୀ ସ୍ୱାମୀ ଶ୍ରୀଭକ୍ତି ଆଶୟ ଅକିଞ୍ଚନ ମହାରାଜଙ୍କ ପରିଚାଳନାରେ ଶନିବାର ଏହି କାର୍ଯ୍ୟକ୍ରମ କରାଯାଇଥିଲା। ରବିବାର ଗୌଡ଼ିୟ ବୈଷ୍ଣବ ଆଚାର୍ଯ୍ୟ ଭକ୍ତିବନ୍ଧୁ ଭିକ୍ଷୁ ମହାରାଜ ପ୍ରବଚନ ଦେଇଥିଲେ। ଏହି ଅବସରରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟକ୍ରମରେ ଭକ୍ତ ସୁରେଶ ଚନ୍ଦ୍ର ବେହେରା, ପ୍ରିୟମ୍ବଦା ବେହେରା, ଧନେଶ୍ୱର ବେହେରା, ବଳରାମ ପାଇକରାୟ, ନିବେଦିତା ପାଇକରାୟ, ଏକାଦଶୀ ପ୍ରଧାନ, ଜୟଦେବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ‘ଲେଖକ ଶିଶୁ-ମନସ୍ତତ୍ତ୍ୱକୁ ଗୁରୁତ୍ୱ ଦେବା ଉଚିତ୍’

### ଶିଶୁ-ସାହିତ୍ୟ ଲେଖକ ସମାବେଶ

କଟକ,୯।୩(କାର୍ତ୍ତିକ ସାହୁ)



କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପରିବର୍ତ୍ତିତ ସମୟ ସହ ତାଳଦେଇ ଶିଶୁ-ମନଲାଖି ସାହିତ୍ୟ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ଶିଶୁ-ସାହିତ୍ୟ ଲେଖକମାନେ ଶିଶୁ-ମନସ୍ତତ୍ତ୍ୱକୁ ଗୁରୁତ୍ୱ ଦେବା ଉଚିତ। ରେବା ରାୟ ଫାଉଣ୍ଡେଶନ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ-ସାହିତ୍ୟ ଲେଖକ ସମାବେଶର ରବିବାର ଉଦ୍‌ଯାପନୀ ସମାରୋହରେ ଶିଶୁ-ସାହିତ୍ୟିକମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି। ଶିଶୁ-ସାହିତ୍ୟିକ ଓ ଗୀତିକାର ପୀତାମ୍ବର ମିଶ୍ରଙ୍କ ଅଧ୍ୟକ୍ଷତାରେ ଶିଶୁ-କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୁଖ୍ୟାତ ଶିଶୁ-ସାହିତ୍ୟିକ ରାଜକିଶୋର ପାଢ଼ୀ, ମୁଖ୍ୟବକ୍ତା ପ୍ରାଧ୍ୟାପକ ସଚ୍ଚିଦାନନ୍ଦ କର, ବରେଣ୍ୟ ଅତିଥି ପଣ୍ଡିତ ଚୈତନ୍ୟ କୁମାର ସାହୁ ଓ ବିଶିଷ୍ଟ ଅତିଥି ଡକ୍ଟର ବୈଜୟନ୍ତୀମାଳା ଶତପଥୀ ଯୋଗଦେଇ ଶିଶୁ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଗୀତାଞ୍ଜଳି ପୃଷ୍ଟି, ଅଧ୍ୟାପିକା ଡ. ନଳିନୀ ବେହେରା ଓ ଡ. ସରସ୍ୱତୀ ପାତ୍ର କବିତା ସଂଯୋଜନା କରିଥିଲେ।

ଅପରାହ୍ନରେ ଅନୁଷ୍ଠାନର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାଟ୍ୟାଚାର୍ଯ୍ୟ ଶରତ ଚନ୍ଦ୍ର ଥାଟୋଇ, ମୁଖ୍ୟବକ୍ତା ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ବରେଣ୍ୟ ଅତିଥି ବ୍ରହ୍ମାନନ୍ଦ ମହାନ୍ତି ଓ ବିଶିଷ୍ଟ ଅତିଥି ଭାବେ ମୁରଲୀଧର ଶତପଥୀ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଜିଲାରୁ ଆସିଥିବା ଶିଶୁ-ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଉଣ୍ଡେଶନର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ତପନ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ବିଶ୍ୱମିତ୍ରା ମିଶ୍ର, ମୈତ୍ରୀଭୂଷଣ ଖୁଣ୍ଟିଆ, ଚିନ୍ମୟୀ ଆଚାର୍ଯ୍ୟ, ସସ୍ମିତା ପଟ୍ଟନାୟକ, ଚିତ୍ତରଞ୍ଜନ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପ୍ରଥମ ଦିବସ ଶନିବାର ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡା. ସୁଦର୍ଶନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହକୁ ଶିଶୁ-ସାହିତ୍ୟିକ ଶରତ ଦାଶ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ତରୁଣ କୁମାର ସାହୁ, ମୁଖ୍ୟବକ୍ତା ପ୍ରାବନ୍ଧିକ ଡ. ବାବାଜୀ ଚରଣ ପଟ୍ଟନାୟକ, ବରେଣ୍ୟ ଅତିଥି ଏକାମ୍ର ଶିଶୁ-ସାହିତ୍ୟ ସଂସଦର ସଭାପତି ଡ. ଶରତ କୁମାର ବିଶ୍ୱାଳ, ବିଶିଷ୍ଟ ଅତିଥି ଶିଶୁ-ସାହିତ୍ୟିକ ପ୍ରଫେସର ଡା. ପ୍ରସନ୍ନ କୁମାର ରାଠୋର ଓ ସମ୍ମାନିତ ଅତିଥି ଲୋକସେବା ଫାଉଣ୍ଡେଶନ ଅଧ୍ୟକ୍ଷ ହିମାଂଶୁ ମହାନ୍ତି ଯୋଗଦେଇ ଶିଶୁ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ପ୍ରଭାତ ଉନ୍ମୋଚନ ହୋଇଥିଲା। ଏଥିସହ ଡ. ସୁନାମଣି ରାଉତଙ୍କୁ ରେବା ରାୟ ସ୍ମୃତି ଶିଶୁ-ସାହିତ୍ୟ ସମ୍ମାନ, ସୌଭାଗିନୀ ରାୟଙ୍କୁ ରେବା ରାୟ ପ୍ରତିଭା ସମ୍ମାନ, ପ୍ରଶାନ୍ତ କୁମାର ମଙ୍ଗରାଜଙ୍କୁ ଶଶିପ୍ରଭା ସାମନ୍ତରାୟ ଶିଶୁ-ଉପନ୍ୟାସ ସମ୍ମାନ, ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ଧ୍ରୁବ ଚରଣ ପଣ୍ଡା ଶିଶୁ-ନାଟକ ସମ୍ମାନ, ନୀଳମଣି ଚାନ୍ଦଙ୍କୁ ବ୍ରଜକିଶୋର ଶିଶୁ-କବିତା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସଂଗ୍ରାମ କେଶରୀ ପୃଷ୍ଟିଙ୍କୁ ମାୟାଧର ସାହୁ ଶିଶୁ-ଗଳ୍ପ ସମ୍ମାନ, ପଣ୍ଡିତ ବାସବ କୁମାର ନନ୍ଦଙ୍କୁ ଇଂ. ରବିନାରାୟଣ ମହାପାତ୍ର ସଙ୍ଗଠନ ସମ୍ମାନ, ପ୍ରଦୀପ୍ତଭାନୁ ମହାନ୍ତିଙ୍କୁ ପ୍ରଶାନ୍ତ ମହାନ୍ତି ଶିଶୁ-ପତ୍ରିକା ସମ୍ପାଦନା ସମ୍ମାନ, ଡ. କୃତ୍ତିବାସ ନାୟକଙ୍କୁ ଡ. ବ୍ରଜମୋହନ ମହାନ୍ତି ପ୍ରବନ୍ଧ ସମ୍ମାନ, ଅମ୍ବିକା ସ୍ୱାଇଁଙ୍କୁ ସାଧୁ ଚରଣ ରାୟ ଭ୍ରମଣ କାହାଣୀ ସମ୍ମାନ, ଚନ୍ଦ୍ରମଣି ଭୂୟାଁଙ୍କୁ ଦେବବ୍ରତ କର ଶିଶୁ-ସାହିତ୍ୟ ପ୍ରକାଶକ ସମ୍ମାନ ଓ ସାଦ୍ୟାନ୍ତ ଶତପଥୀଙ୍କୁ ଶୁକଦେବ ଷଡ଼ଙ୍ଗୀ ନବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା।

# ସାହିତ୍ୟ ସମାଜର ଦର୍ପଣ



ଅନୁଷ୍ଠାନର ମୁଖପତ୍ର ‘ଶଙ୍ଖନାଦ’କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

### ମହାପର୍ବତ ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ

ବାଙ୍କୀ,୯।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମହାପର୍ବତ ସାହିତ୍ୟ ସଂସଦର ୧୯ତମ ବାର୍ଷିକ ଉତ୍ସବ ଶନିବାର ବାଙ୍କୀ ଡମପଡ଼ା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବିତା ପାଠୋତ୍ସବ, ସାହିତ୍ୟ ଆଲୋଚନା, ସମ୍ବର୍ଦ୍ଧନା ସଭା କରାଯିବା ସହ ଅନୁଷ୍ଠାନର ମୁଖପତ୍ର ‘ଶଙ୍ଖନାଦ’ ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଛି। ଅନୁଷ୍ଠାନର ସଭାପତି ମମତାରାଣୀ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ନାଟ୍ୟକାର ବସନ୍ତ କୁମାର ସାହୁ ବିବରଣୀ ପାଠ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଯୁବ ସାମାଜିକ କର୍ମୀ ଅବିନାଶ ପଟ୍ଟନାୟକ ଯୋଗଦେଇ ସାହିତ୍ୟ ହେଉଛି ସମାଜର ଦର୍ପଣ। ଏହି ସାହିତ୍ୟକୁ ଆଗେଇ ନେବାରେ ମହାପର୍ବତ ସାହିତ୍ୟ ସଂସଦର ଭୂମିକା ଅନନ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ବିପିନ ମହାନ୍ତି, ସମ୍ମାନିତ ଅତିଥି ଭାବେ ବାଙ୍କୀ କଲେଜ ପୂର୍ବତନ ଉପାଧ୍ୟକ୍ଷ ଅଧ୍ୟାପକ ମନୋଜ କୁମାର ମହାପାତ୍ର, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଓ ସମ୍ପର୍କ ସାହିତ୍ୟ ଅନୁଷ୍ଠାନର ସମ୍ପାଦକ କବି ରବିନାରାୟଣ ମଙ୍ଗରାଜ ଯୋଗଦେଇଥିଲେ। କବିତା ପାଠୋତ୍ସବରେ କବି ମନ୍ମଥ କୁମାର ସ୍ୱାଇଁ ଓ ନାରୀକବି ସକୁନ୍ତଳା ମଲ୍ଲିକ ସଂଯୋଜନା କରିଥିଲେ। ଏହି ଅବସରରେ ସାହିତ୍ୟ ଓ ସମାଜସେବୀ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୨୧ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସୁରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସଂକ୍ଷେପରେ

## ନିଖୋଜ ଯୁବକଙ୍କ ମୃତଦେହ ଜବତ

#### ପୋଲିସକୁ ଦେଖି ମହାନଦୀକୁ ଡେଇଁପଡ଼ିଥିଲେ

ମଣ୍ଡୁଳି-ଜଗତପୁର, ୯।୩(ମାନସ ସାମଲ)

ଜଗତପୁର ଥାନା ଅଧୀନ ବାରଗାଡ଼ିଆଠାରେ ମହାନଦୀକୁ ଡେଇଁ ନିଖୋଜ ହୋଇଯାଇଥିବା ଯୁବକଙ୍କ ମୃତଦେହ ରବିବାର ସକାଳେ ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅଧୀନ ଇସ୍‌ଲାମ୍‌ପୁରର ଶେଖ୍ ସଲିମ। ଶୁକ୍ରବାର ମଧ୍ୟରାତ୍ରିରେ ସଲିମ ଓ ଅନ୍ୟ ୩ଜଣ ବାରଗାଡ଼ିଆ ମହାନଦୀ ପଠା ପାର୍ଶ୍ୱରୁ ୨ଟି ଟ୍ରାକ୍ଟରରେ ବାଲି ଚୋରା ଚାଲାଣ କରୁଥିଲେ। ଖବରପାଇ ପୋଲିସ ସ୍ଥାନୀୟ ଖଣି ବିଭାଗ ସହାୟତାରେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ସେମାନେ ଜୀବନ ବିକଳରେ ମହାନଦୀକୁ ଡେଇଁ ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ପାଣିରେ ପହଁରି ପହଁରି କୂଳରେ ପହଞ୍ଚି ଯାଇଥିଲେ। ହେଲେ ସଲିମ ବୁଡ଼ି ଯାଇ ନିଖୋଜ ହୋଇ ଯାଇଥିଲେ। ଶନିବାର ଅପରାହ୍ନରେ କଟକରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ପୁନର୍ବାର ଅଗ୍ନିଶମ କର୍ମଚାରୀ ବହୁ ଖୋଜାଖୋଜି ପରେ ରବିବାର ସକାଳ ସାଢ଼େ ୮ଟାରେ ସଲିମ୍‌ଙ୍କ ମୃତଦେହକୁ ଅଳ୍ପ କିଛି ଦୂରରେ ପାଇଥିଲେ। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇ ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୫)ରୁଜୁ ହୋଇଛି।

## ଶିବାନନ୍ଦ ଆତ୍ମଜ୍ଞାନ ଆଶ୍ରମର ପ୍ରତିଷ୍ଠା ଉତ୍ସବ

ଚୌଦ୍ୱାର,୯।୩(ଆଶୁତୋଷ ଦାସ)

ଚୌଦ୍ୱାର କପାଳେଶ୍ୱରସ୍ଥିତ ଦିବ୍ୟ ଜୀବନ ସଂଘ ଶିବାନନ୍ଦ ଆତ୍ମଜ୍ଞାନ ଆଶ୍ରମର ୫୨ତମ ପ୍ରତିଷ୍ଠା ଦିବସ ଓ ଶ୍ରୀଶିବାନନ୍ଦ ଧ୍ୟାନ ମନ୍ଦିରର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିବ୍ୟ ଜୀବନ ସଂଘର ବରିଷ୍ଠ ସନ୍ନ୍ୟାସୀ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀଗୁରୁ ପାଦପୂଜା, ପ୍ରଭାତଫେରି, ସୂର୍ଯ୍ୟପୂଜା, ଭଜନ କୀର୍ତ୍ତନ, ଶ୍ରୀମଦ୍ ଭଗବଦ୍ ଗୀତା ପାଠ, ଦିବ୍ୟ ଆଲୋଚନା ଭଳି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ସ୍ୱାମୀ ଶିବଶଙ୍କାନନ୍ଦ ସରସ୍ୱତୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ରବିବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ଆତ୍ମଜ୍ଞାନ ଆଶ୍ରମ ସଭାପତି ଅଦ୍ୱୈତ କୁମାର ବଳ, ସମ୍ପାଦକ ଜୟକୃଷ୍ଣ ପରିଡ଼ା, ରାମଚନ୍ଦ୍ର ସାହୁ, ଶରତ କୁମାର ଖୁଣ୍ଟିଆ, ମାନସ ରଞ୍ଜନ ସିଂ, ବିଚିତ୍ର ପରିଡ଼ା, ଅଚ୍ୟୁତାନନ୍ଦ ପରିଡ଼ା, ବିମଳ କୁମାର ବେଉରା, ମଦନ ମୋହନ ତ୍ରିପାଠୀ, ତ୍ରିଲୋଚନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ତେଲେଙ୍ଗାବଜାର ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ଦୋଳ ମେଳଣରେ ସାମିଲ ହୋଇଥିବା ବିମାନ।

## ଧାର୍ମିକ କାର୍ଯ୍ୟ, ପରୋପକାର, ନମାଜ ପାଠକୁ ଗୁରୁତ୍ୱ

### ବୃଦ୍ଧ ଅହମ୍ମଦିୟା କର୍ମଶାଳା

ତିଗିରିଆ, ୯।୩( ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ଜାମା ମସ୍‌ଜିଦଠାରେ ପବିତ୍ର ରମଜାନ ମାସ ଅବସରରେ ଗ୍ରାମର ବୃଦ୍ଧ(ଅନସାରୁଲ୍ଲା) ଅହମ୍ମଦିୟା ୪୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟି ସଭାପତି ମୌଲାନା ସେକ୍ ଇସିହାକ୍ ସଭାପତିତ୍ୱ କରି ସମୟ ବଡ ମୂଲ୍ୟବାନ ବୋଲି କହିବା ସହ ପରୋପକାର, ଧାର୍ମିକ କାର୍ଯ୍ୟ, ନମାଜପାଠକୁ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଜମାତ ଅହମ୍ମଦିୟା ଭାରତର ଅର୍ଥ ସଚିବ ମୌଲାନା ରଫିକ ଅହମ୍ମଦ ବେଗ ଯୋଗ ଦେଇ ଭକ୍ତ ଭଗବାନ(ଆଲ୍ଲା)ଙ୍କ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ।ପବିତ୍ର ରମଜାନ ମାସରେ ଅଧିକ ରୋଜା (ଉପବାସ) ନମାଜ, ଦାନକୁ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବୃଦ୍ଧ ଅହମ୍ମଦିୟା ଭାରତର ଉପସଭାପତି ମହମ୍ମଦ ସଫାରତ ଯୋଗ ଦେଇ ବୃଦ୍ଧ ଅହମ୍ମଦିୟାର ମାସିକ ରିପୋର୍ଟ ଦେବାସହ ପବିତ୍ର କୋରାନ ପାଠ କରିଥିଲେ।

## ଫଗୁଦଶମୀରୁ ଆରମ୍ଭ ହେଲା ଦୋଳମେଳଣ

କଟକ,୯।୩(ଶିଲ୍ପା ପ୍ରିୟଦର୍ଶିନୀ)

ଫଗୁଦଶମୀ ଅର୍ଥାତ୍ ରବିବାରଠାରୁ ବିଭିନ୍ନ ସ୍ଥାନରେ ଦୋଳମେଳଣ ଆରମ୍ଭ ହୋଇଯାଇଛି। ଏହି ଅବସରରେ ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ମେଳଣ ତେଲେଙ୍ଗା ବଜାରସ୍ଥିତ ରଘୁନାଥଜୀଉ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭ଟି ଦୋଳ ବିମାନ ସାମିଲ ହୋଇଥିଲା। ସେହିପରି ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ଦୋଳମେଳଣ ଆଂଶିକ ଭାବେ ନୂଆପଡ଼ାରେ ଓ ପୂର୍ଣ୍ଣମେଳଣ ତିନିଘରିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ଟି ବିମାନ ସାମିଲ ହୋଇଥିଲେ। କାଳୀଗଳିସ୍ଥିତ ଗଣେଶ ମନ୍ଦିରଠାରେ ୧୯ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ଦୋଳମେଳଣ ଅନୁଷ୍ଠିତ ହୋଇଥିଲା। ଅପରପକ୍ଷରେ ସୋମବାର ୧୬ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ଦୋଳମେଳଣ ବଡ଼େଇ ସାହିଠାରେ ଅନୁଷ୍ଠିତ ହେବ। ତେବେ ସହରରେ ସୋମବାରଠାରୁ ଘରକୁ ଘର ବୁଲି ଠାକୁର ଭୋଗ ଖାଇବେ।

## ଭାଜପା କର୍ମୀ ସମାବେଶ

କଟକ ସଦର, ୯।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ବେଣ୍ଟକାରଠାରେ ଭାଜପା କର୍ମୀ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଇଂ. ଅଶୋକ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କର୍ମୀମାନେ ନିଜକୁ ପ୍ରସ୍ତୁତ ରଖିବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆତ୍ମାର ସଭାପତି ରମା ପ୍ରସାଦ ବିଶ୍ୱାଳ, ବିଜୟ କୁମାର ରାଉତରାୟ, କୃଷକ ନେତା ଦେବୀ ପ୍ରସାଦ ପତି, ସୁବାସ ଗୋଚ୍ଛାୟତ, ସତ୍ୟଦୀପ ସାହୁ, ପଣ୍ଡିତ ଉମାକାନ୍ତ ନନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଭାବେ ଦାୟିତ୍ୱ ନେଇଥିବା ୪୨ ମୌଜା ମଣ୍ଡଳ ସଭାପତି ସୁଧାଂଶୁ ନାରାୟଣ ଦାସ ଓ ମଣ୍ଡଳ ପ୍ରତିନିଧି ପ୍ରବେଶ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନବ ନିଯୁକ୍ତ ୭ ଓ ୫ ନମ୍ବର ଜୋନ୍‌ର ମଣ୍ଡଳ ସଭାପତି ଯଥାକ୍ରମେ ଚିତ୍ତରଞ୍ଜନ ସାହୁ, ନିରଞ୍ଜନ ରାଉଳଙ୍କ ସମେତ ୪୨ ମୌଜା ଅଞ୍ଚଳର ଆଗଧାଡ଼ିର ଭାଜପା କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରିୟରଞ୍ଜନ ଖଟୁଆ, ଅନିଲ ମହାପାତ୍ର, ଚିତ୍ତରମା ସ୍ୱାଇଁ, ସୁନୀତା ଦେବତା, ମମତା ରଥ, ସୁଜାତାରାଣୀ ଦାସ, ବଂଶୀଧର ତ୍ରିପାଠୀ, ପର୍ଶୁରାମ ବେହେରା, ସନ୍ତୋଷ କୁମାର ସାହାଣୀ, ଗିତେଶ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ‘ଐକ୍ୟଭାବ ଦୃଢ଼ କରିବାକୁ ଆହ୍ୱାନ’

### ଓଡ଼ିଶା ଚଳଚ୍ଚିତ୍ର ଓ ଟେଲିଭିଜନ ନିର୍ଦ୍ଦେଶକ ସଂଘର ପ୍ରଥମ ବାର୍ଷିକ ଉତ୍ସବ

କଟକ,୯।୩(କାର୍ତ୍ତିକ ସାହୁ)



ବାର୍ଷିକ ଉତ୍ସବ ଅବସରରେ ଦିବଂଗତ ଅଭିନେତା ଉତ୍ତମ ମହାନ୍ତିଙ୍କ ଫଟୋଚିତ୍ର ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ଅଭିନେତା, ନିର୍ଦ୍ଦେଶକ ଓ ଅନ୍ୟମାନେ।

ପରସ୍ପର ମଧ୍ୟରେ ଐକ୍ୟଭାବକୁ ଦୃଢ଼ କରିବା ସହିତ ସମାଜସେବାରେ ସାମିଲ ହେବା ନିମନ୍ତେ ଓଡ଼ିଶା ଚଳଚ୍ଚିତ୍ର ଓ ଟେଲିଭିଜନ ନିର୍ଦ୍ଦେଶକ ସଂଘ ପକ୍ଷରୁ ସଦସ୍ୟମାନଙ୍କୁ ଆହ୍ୱାନ ଦିଆଯାଇଛି। ଏହିପରି କାର୍ଯ୍ୟ ମାଧ୍ୟମରେ ସଂଘ ଆଗକୁ ବଢ଼ିପାରିବ ବୋଲି ଓଡ଼ିଶା ଚଳଚ୍ଚିତ୍ର ଓ ଟେଲିଭିଜନ ନିର୍ଦ୍ଦେଶକ ସଂଘର ପ୍ରଥମ ବାର୍ଷିକ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। କଟକ ମିଶନ ରୋଡ୍‌ସ୍ଥିତ ୟୁନିୟନ କ୍ଲବ୍ ପରିସରରେ ରବିବାର ଅନୁଷ୍ଠିତ ବାର୍ଷିକ ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସମର୍ଥ ବର୍ମା ଓ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଦେବଦାସ ଛୋଟରାୟ ଉପସ୍ଥିତ ଥିଲେ। ସଂଘ ସଭାପତି ଡ. ସବ୍ୟସାଚୀ ମହାପାତ୍ର ସ୍ୱାଗତ ଭାଷଣ ଦେବାପରେ ସ୍ୱର୍ଗତ ଅଭିନେତା ଉତ୍ତମ ମହାନ୍ତିଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା ସହ ଫଟୋଚିତ୍ର ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଂଘ ସମ୍ପାଦକ ତାପସ ସରଘରିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ବର୍ଷୀୟାନ୍ ଚଳଚ୍ଚିତ୍ର ନିର୍ଦ୍ଦେଶକ ରମେଶ ଚନ୍ଦ୍ର ମହାନ୍ତି ଓ ଜ୍ୟୋତି ପ୍ରକାଶ ନାଏକଙ୍କୁ ପଚାଶ ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ରାଶି ସହ ସମ୍ମାନିତ କରାଯାଇଥିଲା । ଏଥିସହ ଜୀବନବ୍ୟାପୀ ଏ ଦୁହିଁଙ୍କୁ ମାସିକ ପାଞ୍ଚ ହଜାର ଟଙ୍କା ଲେଖାଏ ଅବସରକାଳୀନ ରାଶି ଭାବେ ପ୍ରଦାନ କରିବାର ଘୋଷଣା କରାଯାଇଛି। କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସୌଜନ୍ୟରୁ କିସ୍ ଫାଉଣ୍ଡେଶନ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏହି ଅବସରରେ ସମ୍ମାନିତ ଅତିଥି ଅଭିନେତ୍ରୀ ମହାଶ୍ୱେତା ରାୟଙ୍କୁ ଚଳଚ୍ଚିତ୍ର ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ଉଲ୍ଲେଖନୀୟ ଅବଦାନ ଦ୍ୱାରା ରଦ୍ଧିମନ୍ତ କରିଥିବା ବରିଷ୍ଠ କୁଶଳୀ କଳାକାର ଓ ଶିଳ୍ପୀଙ୍କ ମଧ୍ୟରୁ ପ୍ରଯୋଜକ ସୂର୍ଯ୍ୟମଣି ତ୍ରିପାଠୀ, ଟେଲିଭିଜନ ପ୍ରଯୋଜକ ରୋହିତ ଗାନ୍ଧୀ, ଗୀତିକାର ଓ ଲେଖକ ଦେବଦାସ ଛୋଟରାୟ, ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ମୁସୀର, ଅଭିନେତା ହରିଶ ମହାପାତ୍ର, ଅଭିନେତ୍ରୀ ବନଜା ମହାନ୍ତି, ଚିତ୍ରୋତ୍ତୋଳକ ସୁରେନ୍ଦ୍ର ସାହୁ, ସମ୍ପାଦକ ଦିଲୀପ ପାଣି, ଶବ୍ଦ ଗ୍ରହଣକାରୀ ନଗେନ୍ ବାରିକ, ପ୍ରଚ୍ଛଦପଟ ଗାୟିକା ତୃପ୍ତି ଦାସ, ନୃତ୍ୟ ନିର୍ଦ୍ଦେଶକ ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ, ରୂପସଜ୍ଜାକାରୀ ସମରେଶ ପାଲ୍, ବେଶସଜ୍ଜାକାରୀ ନିର୍ମଳ ଦାଶ, କଳା ନିର୍ଦ୍ଦେଶକ ଅମିୟ ମହାରଣା, ପାର୍ଶ୍ୱ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ପାର୍ଶ୍ୱ ଅଭିନେତ୍ରୀ ନମ୍ରତା ଦାସ ଓ ଚଳଚ୍ଚିତ୍ର ସାମ୍ବାଦିକ ପ୍ରଦୀପ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଅଭିନେତା ଶ୍ରୀତମ୍ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଫଟୋରେ ଖବର



ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଖରା ସମୟରେ ଗଛ ଛାଇ ତଳେ ବିଶ୍ରାମ ନେଉଥିବା ମହାବଳ ବାଘ।





ଆଇସିସି ଚାମ୍ପିୟନ୍ସ ଟ୍ରଫିର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ରବିବାର ଫାଇନାଲ ମ୍ୟାଚ୍ ଚାଲିଥିବାବେଳେ କଟକ ଦୋଳମୁଣ୍ଡାଇ ଛକ ରାସ୍ତାପାର୍ଶ୍ୱରେ ଲାଗିଥିବା ବଡପରଦାରେ କ୍ରିକେଟ୍‌ପ୍ରେମୀ ଖେଳ ଉପଭୋଗ କରୁଛନ୍ତି।


ଭାରତ ଚାମ୍ପିୟନ୍ସ ଟ୍ରଫି ଜିତିବା ପରେ ବିରାଟ କୋହଲିଙ୍କୁ ସ୍ତ୍ରୀ ଅନୁଷ୍କା ଅଭିନନ୍ଦନ ଜଣାଉଛନ୍ତି।

# ଭାରତକୁ ୭ମ ଆଇସିସି ଟ୍ରଫି

ଦୁବାଇ, ୯।୩ (ପି.ଟି.)

ଭାରତ ଅପରାଜେୟ ରହିବା ସହ ରବିବାର ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଚାମ୍ପିୟନ୍ସ ଟ୍ରଫିର ୨୦୨୫ ସଂସ୍କରଣ ଜିତିଛି। ଏହାଦ୍ୱାରା ଦେଶର ଆଇସିସି ଟ୍ରଫି ସଂଖ୍ୟା ୭ରେ ପହଞ୍ଚିଛି। ୮ଟି ଦଳକୁ ନେଇ ହେଉଥିବା ଚାମ୍ପିୟନ୍ସ ଟ୍ରଫିରେ ଭାରତ ଏଥରକୁ ମିଶାଇ ତୃତୀୟଥର ଚାମ୍ପିୟନ ହୋଇପାରିଛି। ବିଶ୍ୱ କ୍ରିକେଟରେ ଭାରତ ଅନ୍ୟତମ ଶ୍ରେଷ୍ଠ ଦଳ ଭାବେ ପରିଗଣିତ ହେଉଛି। ଦଳ ଲଗାତର ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିଆସୁଛି। ଭାରତ ୨୦୧୭ ଚାମ୍ପିୟନ୍ସ ଟ୍ରଫି, ୨୦୨୩ ଦିନିକିଆ ବିଶ୍ୱକପ୍ ଏବଂ ୨୦୧୯-୨୧ ଏବଂ ୨୦୨୧-୨୩ ସାଇକେଲ (ଚକ୍ର)ରେ ଦୁଇଥର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିପାରିଛି। ଓଭରଅଲ ଅଷ୍ଟ୍ରେଲିଆ ସମସ୍ତ ଫର୍ମାଟରେ ସବୁଠାରୁ ସଫଳ ଦଳ ଭାବେ ବିବେଚିତ ହୋଇଆସୁଛି। ଏହି ଦେଶ ୬ଥର(୧୯୮୭, ୧୯୯୯, ୨୦୦୩, ୨୦୦୭, ୨୦୧୫ ଓ ୨୦୨୩) ଦିନିକିଆ ବିଶ୍ୱକପ୍, ଦୁଇଥର ୨୦୦୬ ଓ ୨୦୦୯ରେ ଚାମ୍ପିୟନ୍ସ ଟ୍ରଫି ଏବଂ ଥରେ ୨୦୨୧-୨୩ ସାଇକେଲରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଜିତିପାରିଛି। ଅଷ୍ଟ୍ରେଲିଆ ମୋଟ ଉପରେ ୧୦ ଗ୍ଲୋବାଲ କ୍ରିକେଟ ଇଭେଣ୍ଟ ଜିତିପାରିଛି।


ଆଇସିସି ଚାମ୍ପିୟନ୍ସ ଟ୍ରଫି ସହ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା।

## ଅତୀତରେ ଆଇସିସି ଇଭେଣ୍ଟ

● **୧୯୮୩ ଦିନିକିଆ ବିଶ୍ୱକପ୍:** ଗ୍ଲୋବାଲ କ୍ରିକେଟ ଇଭେଣ୍ଟରେ ଭାରତର ଏହା ହେଉଛି ପ୍ରଥମ ସଫଳତା। କପିଳ ଦେବଙ୍କ ନେତୃତ୍ୱରେ ଭାରତ ଲର୍ଡ୍ସଠାରେ ଖେଳାଯାଇଥିବା ଏକ ଲୋ-ସ୍କୋରିଂ ଫାଇନାଲରେ ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତକରି ଚାମ୍ପିୟନ ହୋଇଥିଲା।

● **୨୦୦୨ ଚାମ୍ପିୟନ୍ସ ଟ୍ରଫି (ଶ୍ରୀଲଙ୍କା ସହିତ ଯୁଗ୍ମ ଚାମ୍ପିୟନ):** ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ଭାରତ ଅପରାଜେୟ ରହି ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ କଲମ୍ବୋରେ ସେପ୍ଟେମ୍ବର ୨୯ ଓ ୩୦ (ରିଜର୍ଭ ଦିବସ)ରେ ଲଗାଣ ବର୍ଷା ଯୋଗୁ ଫାଇନାଲ ମ୍ୟାଚ ଖେଳାଯାଇ ପାରି ନ ଥିଲା। ଭାରତ ଓ ଆୟୋଜକ ଶ୍ରୀଲଙ୍କାକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା।

● **୨୦୦୭ ଆଇସିସ ଟି୨୦ ବିଶ୍ୱକପ୍:** ସେତେବେଳେ ଭାରତ ସମେତ କୌଣସି କ୍ରିକେଟ ବୋର୍ଡ ସମ୍ଭବତଃ ଖେଳର କ୍ଷୁଦ୍ରତମ ଫର୍ମାଟକୁ ଗୁରୁତ୍ୱ ଦେଉ ନ ଥିଲେ। ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତୀୟ ଦଳ ଫାଇନାଲରେ ପାକିସ୍ତାନକୁ ପରାସ୍ତ କରି ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ଟାଇଟଲ ଜିତିପାରିଥିଲା।

● **୨୦୧୧ ଦିନିକିଆ ବିଶ୍ୱକପ୍:** ସଚିନ ତେନ୍ଦୁଲକରଙ୍କ ଉପସ୍ଥିତିରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଦଳ ଦୀର୍ଘ ୨୮ ବର୍ଷ ବ୍ୟବଧାନରେ ୫୦ ଓଭରବିଶିଷ୍ଟ ବିଶ୍ୱକପ୍ ଜିତିଥିଲା।

● **୨୦୧୩ ଚାମ୍ପିୟନ୍ସ ଟ୍ରଫି:** ଭାରତର ସବୁଠାରୁ ସଫଳ ଅଧିନାୟକର ମାନ୍ୟତା ଲାଭ କରିଥିବା ଧୋନୀଙ୍କ ନେତୃତ୍ୱରେ ଭାରତ ଟାଇଟଲ ବିଜୟୀ ହୋଇଥିଲା। ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଫାଇନାଲରେ ଦଳ ଇଂଲଣ୍ଡକୁ ଭେଟିଥିଲା। ବର୍ଷା ଯୋଗୁ ମ୍ୟାଚ୍‌ର ଓଭର ସଂଖ୍ୟା ହ୍ରାସ କରାଯାଇଥିଲା। ଶେଷଭାଗରେ ରବୀନ୍ଦ୍ର ଜାଡେଜାଙ୍କ ୨୫ ବଲ୍‌ରୁ ୩୫ ରନ ସହାୟତାରେ ଭାରତ ୧୨୯/୭ ସ୍କୋର କରି ମ୍ୟାଚ୍‌କୁ ୫ ରନରେ ଜିତିନେଇଥିଲା।

● **ଟି୨୦ ବିଶ୍ୱକପ୍ ୨୦୨୪:** ଦୁଇ ସୁପର ଷ୍ଟାର ବିରାଟ କୋହଲି ଓ ରୋହିତ ଶର୍ମା ଏହି ଫର୍ମାଟରୁ ଅବସର ନେବା ଚକ୍କରରେ ଥିବାବେଳେ ଭାରତ ଏକ ଆଇସିସି ଇଭେଣ୍ଟ ଜିତିବା ସନ୍ଧାନରେ ରହିଥିଲା। କିଛିମାସ ପୂର୍ବେ ନିଜ ଦେଶରେ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ପରାଜିତ ହୋଇଥିବାରୁ ଭାଙ୍ଗିପଡ଼ିଥିବା ରୋହିତ ଏବଂ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ମାତ୍ର ଭାରତକୁ ଶ୍ରେଷ୍ଠ ଦଳ ବିବେଚନା କରାଯାଉଥିଲା। ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ପରାସ୍ତ କରି ଦ୍ୱିତୀୟଥର ଟ୍ରଫି ଜିତିବାରେ ସମର୍ଥ ହୋଇଥିଲା ଭାରତ।

# 'ଆମେ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିଲୁ'

**ଦୁବାଇ, ୯।୩:** ଖୁବ ଚମତ୍କାର ଅନୁଭବ ହେଉଛି। ଅଷ୍ଟ୍ରେଲିଆ ଟୁର ଖୁବ କଷ୍ଟକର ଥିଲା। ସେଥିରୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଆମେ ବଡ଼ ଟୁର୍ନାମେଣ୍ଟ ଜିତିବାକୁ ଚାହୁଁଥିଲୁ। ଯୁବ ଖେଳାଳିଙ୍କ ଗ୍ରୁପ ସହ ଖେଳି ଖୁବ ମଜା ଲାଗିଲା। ଆମ ଡ୍ରେସିଂ ରୁମରେ ଖୁବ ପ୍ରତିଭା ରହିଛି। ସେମାନେ ଭାରତୀୟ କ୍ରିକେଟକୁ ଉଚିତ ଦିଗରେ ଆଗେଇ ନେଉଛନ୍ତି। ସେମାନଙ୍କ ସହିତ ଅଭିଜ୍ଞତା ବାଣ୍ଟି ବହୁତ ଖୁସି ଅଛୁ। ସିନିୟର ଭାବେ ଆମକୁ ଯେତେବେଳେ ସୁଯୋଗ ମିଳୁଛି, ଆମ ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଛୁ। ଏଥିଯୋଗୁ ଆମେ ଏକ ଶକ୍ତିଶାଳୀ ଦଳ। ମୋ ମତରେ ଟାଇଟଲ ଜିତିବା ପାଇଁ ଖେଳାଳିଙ୍କ ମିଳିତ ଉଦ୍ୟମ ଦରକାର। ଏହି ଟୁର୍ନାମେଣ୍ଟର ୫ଟି ମ୍ୟାଚ ବିଭିନ୍ନ ଖେଳାଳି ପ୍ରଦର୍ଶନ କରିଥିଲେ ବୋଲି କୋହଲି କହିଛନ୍ତି।

# ଅଭିନନ୍ଦନର ସୁଅ

ଭାରତୀୟ ଦଳ ୪ ଉଇକେଟରେ ନ୍ୟୁଜିଲାଣ୍ଡକୁ ହରାଇ ଆଇସିସି ଚାମ୍ପିୟନ୍ସ ଟ୍ରଫି ହାସଲ କରିଛି। ଏହି ଉପଲବ୍ଧି ପରେ ଭାରତୀୟ ଦଳ ନିକଟକୁ ସୋସିଆଲ ମିଡିଆରେ ଅଭିନନ୍ଦନର ସୁଅ ଛୁଟିଛି। ଅଭିନନ୍ଦନକାରୀଙ୍କ ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭକରି ଦେଶର ବହୁ ସେଲିବ୍ରିଟି, କ୍ରୀଡ଼ାବିତ୍ ଓ ରାଜନେତା ରହିଛନ୍ତି।

"ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିବା ପାଇଁ ଭାରତୀୟ ଦଳକୁ ହୃଦୟରୁ ଅଭିନନ୍ଦନ। ଭାରତ ଏକମାତ୍ର ଦଳ ଭାବେ ଏହି ଟ୍ରଫିକୁ ତୃତୀୟଥର ଲାଗି ଜିତିଛି। ଇତିହାସ ରଚିବା ପାଇଁ ଖେଳାଳି, ମ୍ୟାନେଜମେଣ୍ଟ ଓ ସପୋର୍ଟ ଷ୍ଟାଫ୍ ସର୍ବାଧିକ ପ୍ରଶଂସାର ଅଧିକାରୀ। ଭାରତୀୟ କ୍ରିକେଟ୍‌ର ଭବିଷ୍ୟତ ଉଜ୍ଜ୍ୱଳ ହେଉ।

**-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

"ଏକ ଅବିଶ୍ୱସନୀୟ ମ୍ୟାଚ୍ ଓ ଅବିଶ୍ୱସନୀୟ ଫଳାଫଳ। ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତି ଘରକୁ ଆଣୁଥିବା ଆମ କ୍ରିକେଟ ଦଳ ପାଇଁ ପୂରା ଦେଶ ଗର୍ବିତ। ସେମାନେ ପୂରା ଟୁର୍ନାମେଣ୍ଟରେ ଚମତ୍କାର ଖେଳିଥିଲେ। ଜବରଦସ୍ତ ପ୍ରଦର୍ଶନ ଲାଗି ଆମ ଦଳକୁ ଅଭିନନ୍ଦନ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

"ଇତିହାସ ରଚିଲା ଭଳି ବିଜୟ। ଆଇସିସି ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ରୋମାଞ୍ଚକ ବିଜୟ ହାସଲ ପାଇଁ ଭାରତୀୟ ଦଳକୁ ଅଭିନନ୍ଦନ। ତୁମେ ପିଚ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଖେଳି ଦେଶକୁ ଗର୍ବିତ କରିଛ। ତୁମେ କ୍ରିକେଟ ଉତ୍କୃଷ୍ଟତାର ନୂଆ ମାନଦଣ୍ଡ ସ୍ଥାପନା କରିଛ।

**-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

"ଆଇସିସି ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ରୋମାଞ୍ଚକ ବିଜୟ ହାସଲ ପାଇଁ ଭାରତୀୟ ଦଳକୁ ହୃଦୟରୁ ଅଭିନନ୍ଦନ। ନ୍ୟୁଜିଲାଣ୍ଡ ବିପକ୍ଷରେ ଜବରଦସ୍ତ ପ୍ରଦର୍ଶନକରି ତୁମେ ତୁମ ଦକ୍ଷତା, ନିଷ୍ଠା ଓ ଖେଳୁଆଡ଼ ମନୋଭାବର ପରିଚୟ ଦେଇଛ। ତୁମର ଏହି ଚମକପ୍ରଦ ଉପଲବ୍ଧି ଲାଗି ପୂରା ଦେଶ ଗର୍ବିତ।

**-ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**

"ଗୋଟିଏ ଦଳ, ଗୋଟିଏ ସ୍ୱପ୍ନ ଓ ଗୋଟିଏ ଭାବନା।

**-ବିସିସିଆଇ**

"ରୋମାଞ୍ଚକ ଆଇସିସି ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ନ୍ୟୁଜିଲାଣ୍ଡକୁ ୪ ଉଇକେଟରେ ହରାଇ ଭାରତ ଚାମ୍ପିୟନ ହୋଇଛି। ଅଧିନାୟକ ରୋହିତ ଶର୍ମା ୭୬ ରନର ଇନିଂସ ସହ ସାମ୍ନାରୁ ଦଳର ନେତୃତ୍ୱ ନେଇଥିଲେ। କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବା ସହ ମିଳିତ ଭାବେ ନ୍ୟୁଜିଲାଣ୍ଡକୁ ୨୫୧ ରନର ସ୍କୋରରେ ଅଟକାଇଥିଲେ। ଘଡ଼ିସନ୍ଧି ମୁହୂର୍ତ୍ତରେ ଶ୍ରେୟସ ଆୟର ଓ ଲୋକେଶ ରାହୁଲ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ସମ୍ପୂର୍ଣ୍ଣ ଦଳଗତ ପ୍ରୟାସ ବଳରେ ଏହି ଗୌରବମୟ ବିଜୟ ମିଳିଛି।

**-ସୂର୍ଯ୍ୟବଂଶୀ ସୁରଜ, କ୍ରୀଡ଼ାମନ୍ତ୍ରୀ**



ଚାମ୍ପିୟନ୍ସ ଟ୍ରଫି ଫାଇନାଲ୍‌ରେ ନ୍ୟୁଜିଲାଣ୍ଡକୁ ଭାରତ ହରାଇବା ପରେ ବର୍ଦ୍ଧମାନରେ କ୍ରିକେଟପ୍ରେମୀଙ୍କ ବିଜୟ ଉତ୍ସବ।

# ପାରାମାଉଣ୍ଟ ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ ପାରାମାଉଣ୍ଟ ସ୍ପୋର୍ଟିଂ ଦଳ।

ଭୁବନେଶ୍ୱର,୯।୩(ବିଜୟ ରଣା)

ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ରୋମାଞ୍ଚକ ଫାଇନାଲରେ ଦଳ ୧ରନରେ ପ୍ରଗତି ସ୍ପୋର୍ଟିଂକୁ ହରାଇ ଦେଇଛି। ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ୩୪.୧ ଓଭରରେ ୧୭୯ ରନ କରିଥିଲା। ଦଳ ପକ୍ଷରୁ ସାଇ ଶୁଭମ ସର୍ବାଧିକ ୪୪ ରନ କରିଥିବା ବେଳେ ଅଂଶୁମାନ ସାହୁ ୩୩ ରନ କରିଥିଲେ। ପ୍ରଗତି ତରଫରୁ ଟୁକୁନା ସାହୁ ୩ ଓ ରଘୁନାଥ ମଲ୍ଲ ୨ ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ୩୪.୫ ଓଭରରେ ୧୭୮ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ରଘୁନାଥ ମଲ୍ଲ ସର୍ବାଧିକ ୬୮ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌରଭ ଗୌଡ଼ ୪୯ ରନ କରିଥିଲେ। ପାରାମାଉଣ୍ଟର ସଫଳ ବୋଲର ଏସ୍.କେ. ନକିବ ସର୍ବର ୪ଟି ଉଇକେଟ ନେଇଥିଲେ। ଏସ୍.କେ. ନକିବ ସର୍ବର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ରଘୁନାଥ ମଲ୍ଲ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ସେହିପରି ବିଶାଲ କର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଶୁଭାଶିଷ ରାୟ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ଉଦ୍‌ଯାପନୀରେ ଅତିଥି ଭାବେ ଟାଉନ୍ କ୍ଲବ ଉପଦେଷ୍ଟା ସମୀର ମହାନ୍ତି, ଟାଉନ୍ କ୍ଲବ ସଭାପତି ସୁରେଶ କୁମାର ରାଉତରାୟ,ସମ୍ପାଦକ ପୃଥ୍ୱିକାନ୍ତ ମହାପାତ୍ର, ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଟାଉନ୍ କ୍ଲବ କୋଷାଧ୍ୟକ୍ଷ ନିହାରକାନ୍ତ ପଟ୍ଟନାୟକ ଏବଂ ସ୍ୱର୍ଗତ ମହେନ୍ଦ୍ର ଜେନାଙ୍କ ପୁତ୍ର ଦିଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରୁ ଭାଗନେଲେ ସ୍ନୋ ଗର୍ଲ ରଞ୍ଜିତା

ଭୁବନେଶ୍ୱର, ୯।୩ (ତପନ ସ୍ୱାଇଁ)

ଓଡ଼ିଶାର ସ୍ନୋ ଗର୍ଲ ରୂପେ ପରିଚିତ ରଞ୍ଜିତା ବେହେରା ପୁଣିଥରେ ବରଫ ଉପରେ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି। ଜମ୍ମୁ-କଶ୍ମୀରର ଗୁଲମାର୍ଗରେ ରବିବାରଠାରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାର ୫ମ ସଂସ୍କରଣରେ ସେ କ୍ରମାଗତ ଭାବେ ଚତୁର୍ଥ ଥରପାଇଁ ଭାଗ ନେଉଛନ୍ତି। ରଞ୍ଜିତା ଓଡ଼ିଶାର ଏକମାତ୍ର ଅଭିଜ୍ଞ ଖେଳାଳିଭାବେ ଆଲ୍‌ପାଇନ୍ ସ୍କି'ର ସାଲାଲମ ଏବଂ ଜାଏଣ୍ଟ ସାଲାଲମ ବିଭାଗରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ପ୍ରତିଯୋଗିତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା-୨୦୨୫ର ଦ୍ୱିତୀୟ ଭାଗରେ ଗୁଲମାର୍ଗଠାରେ ଆୟୋଜନ ହେଉଥିବା ଏହି ପ୍ରତିଯୋଗିତାରେ ଆଲ୍‌ପାଇନ୍ ସ୍କି, ସ୍ନୋ ବୋର୍ଡିଂ, ନରଡିକ୍ ସ୍କି ଓ ସ୍କି ମାଉଣ୍ଟେନିୟରିଂରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏଥିରେ ୧୧ ରାଜ୍ୟ, ଦୁଇ କେନ୍ଦ୍ରଶାସିତ ଅଞ୍ଚଳ, ସେନା ଓ ଇଣ୍ଡୋତିବ୍ବତ ବର୍ଡର ପୋଲିସ, ସିଆଇପିଏଫ୍‌ର ୩୫୦ ପ୍ରତିଯୋଗୀ ଭାଗ ନେଉଛନ୍ତି।


ଗୁଲମାର୍ଗରେ ପ୍ରତିଯୋଗିତା ଅବସରରେ ରଞ୍ଜିତା ବେହେରା।

## ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା

ଓଡ଼ିଶା ଭଳି ବରଫହୀନ ରାଜ୍ୟରୁ ଯାଇ ରଞ୍ଜିତା କିଛି ବର୍ଷ ହେବ ନିଜର ଉନ୍ନତ ଖେଳ ପ୍ରଦର୍ଶନ ଜରିଆରେ ସେନା, କେନ୍ଦ୍ରୀୟ ବଳ ଓ ବରଫଥିବା ରାଜ୍ୟର ଅଭିଜ୍ଞ ଖେଳାଳିଙ୍କ ସହିତ ସମକକ୍ଷ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ଦୃଢ଼ ମନୋବଳ, ଶୃଙ୍ଖଳିତ ଆଚରଣ ଏବଂ କ୍ରୀଡ଼ା ନୈପୁଣ୍ୟତା ପାଇଁ ସେ ପୂର୍ବତନ ଖେଳାଳି ଓ କୋଚ୍‌ମାନଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ବରଫ କ୍ରୀଡ଼ାରେ ନିଜ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଛନ୍ତି ରଞ୍ଜିତା। ଚଳିତ ଶୀତଋତୁରେ ଶ୍ୟାମବୁଲକ୍ ବରଫ ପାହାଡ଼ରେ ତାଲିମ ପାଇଥିବାରୁ ଉନ୍ନତ ପ୍ରଦର୍ଶନ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। "ଏକ ବରଫହୀନ ରାଜ୍ୟରୁ ଆସି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଅଭିଜ୍ଞ ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରୁଛି ଏହା ମୋ ପାଇଁ ଭାଗ୍ୟର କଥା। ମୋ ଉପରେ କିଛି ଚାପ ନାହିଁ, ଅଯୋଗ୍ୟ ବିବେଚିତ ନ ହୋଇ କିପରି ଅନାୟାସରେ ସବୁ ଗେଟ୍‌କୁ ଅତିକ୍ରମ କରି ଯଥାସମ୍ଭବ କମ୍ ସମୟରେ ଫିନିଶିଂ ପଏଣ୍ଟରେ ପହଞ୍ଚିବି ତାହା ମୋର ମୁଖ୍ୟ ଲକ୍ଷ୍ୟ" ବୋଲି ରଞ୍ଜିତା ପ୍ରକାଶ କରିଛନ୍ତି। ଓଡ଼ିଶାବାସୀ ମୋତେ ବହୁତ ଭଲପାଇବା ଦେଇଛନ୍ତି। ଏହା ବ୍ୟତୀତ ସହାୟତା ପ୍ରଦାନ କରିଥିବାରୁ ରାଜ୍ୟ ସରକାରଙ୍କ ନିକଟରେ ମୁଁ କୃତଜ୍ଞ ଏବଂ ଧନ୍ୟବାଦ ଜଣାଉଛି ବୋଲି ସେ କହିଛନ୍ତି।

# ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାଇକ୍ଲିଂ ଉଦ୍‌ଘାଟିତ

ଭୁବନେଶ୍ୱର, ୯।୩ (ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟ୍ରାକ୍ ସାଇକ୍ଲିଂ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟି (ଏଆଇୟୁ) ଦ୍ୱାରା ଅନୁମୋଦିତ ଏବଂ ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ଓ ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସହଯୋଗରେ ଏହି ପ୍ରତିଯୋଗିତା କିସ୍ କ୍ୟାମ୍ପସରେ ନବନିର୍ମିତ ମୀନତି ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମ୍‌ରେ ଅନୁଷ୍ଠିତ ହେଉଛି। ୪୧ ବିଶ୍ୱବିଦ୍ୟାଳୟର ୪୦୦ ପ୍ରତିଯୋଗୀ ଓ ଅଫିସିଆଲ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସାଇକ୍ଲିଂରେ ଓଡ଼ିଶାର ପ୍ରଥମ ଅର୍ଜୁନ ପୁରସ୍କାର ପ୍ରାପ୍ତ କ୍ରୀଡ଼ାବିତ୍ ତଥା ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସଭାପତି ମୀନତି ମହାପାତ୍ର ଓ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଦେବାଶିଷ ବନ୍ଦୋପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଆଇୟୁ ପର୍ଯ୍ୟବେକ୍ଷକ ଅନିଲ କୁମାର ଓ ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ସୁଦାମ ରୋକାଡେ, ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ ରାଉତ, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ମଧ୍ୟ ଉପସ୍ଥିତ ରହିଥିଲେ। ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ ଚାମ୍ପିୟନଶିପ୍ ମଧ୍ୟ କିଟ୍ ଷ୍ଟାଡିୟମରେ ଆରମ୍ଭ ହୋଇଛି। ୨୦ ବିଶ୍ୱବିଦ୍ୟାଳୟର ୨୫୦ ଖେଳାଳି ଓ ଅଫିସିଆଲ ଏଥିରେ ଭାଗ ନେଇଛନ୍ତି।



ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

